KOSHALA PRABAHA
# କୋଶଳ ପ୍ରବାହ
Postal Regd.No. BGR-02/2018-20
ବର୍ଷ - ୨୦ ■ ସଂଖ୍ୟା - ୩୧
Volum.-20 ■ Issue No.- 31
Sunday ■ Balangir
ରବିବାର ■ ବଲାଙ୍ଗିର
R.N.I.No.: ODIODI/2000/03637 ● ୨୧ ଜୁନ୍ - ୨୭ ଜୁନ୍ ୨୦୨୦ ● 21 June - 27 June 2020 ● Odia Weekly ● 8 Pages, Rs.2/- only

## ବଡ଼ଦାଣ୍ଡରେ ଗଡ଼ିଲା ରଥ



ଭୁବନେଶ୍ୱର, (ନିପ୍ର) : ସୁପ୍ରିମକୋର୍ଟଙ୍କ କଟକଣାଯୁକ୍ତ ଅନୁମତି ପରେ ପୁରୀ ବଡ଼ଦାଣ୍ଡରେ ଗଡ଼ିଲା ରଥ । ଘଂଟ ଶଙ୍ଖ, ହୁଳହୁଳି, ହରିବୋଲର ତାଳେ ତାଳେ ବିଜେ କଲେ ଜଗତ ଠାକୁର ଜଗନ୍ନାଥ । ଅଥଚ ଅନ୍ୟ ବର୍ଷଗୁଡ଼ିକ ପରି ଏଥର ଭକତଙ୍କ ଭିଡ଼ ନଥିଲା ବଡ଼ଦାଣ୍ଡରେ । ବାଇଶି ପାହାଚରୁ ଓହ୍ଲାଇ ଜଗତକୁ ଦର୍ଶନ ଦେବା ପାଇଁ ଆସିଲେ କାଳିଆ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ।

କରୋନା କଟକଣା ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ବି ଫିକା କରିଦେଲା । ଅଥଚ ଜଗତ ଅଧୀଶ୍ୱର ଜଗନ୍ନାଥଙ୍କ ଇଚ୍ଛାକୁ ଅତିକ୍ରମ କରି ପାରିଲାନାହିଁ । ଜଗନ୍ନାଥଙ୍କ ରଥ ଗଡ଼ିଲା ଅନ୍ୟବର୍ଷ ଭଳି ।

ବିନା ଭକ୍ତରେ ରଥଯାତ୍ରା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଖି ଆଗରେ ରଖି ପୁରୀରେ ରଥଯାତ୍ରା ଅନୁଷ୍ଠିତ ହେଲା । ଟିଭିରେ ଦର୍ଶନ କଲେ ଜଗତର ନାଥ ଜଗନ୍ନାଥଙ୍କୁ ଭକ୍ତମାନେ । ସେବାୟତମାନଙ୍କ ଦ୍ୱାରା ଟଣାହେଲା ରଥ । ବଡ଼ଦାଣ୍ଡ କୋଳାହାଳଶୂନ୍ୟ ରହିଥିଲେ ସୁଦ୍ଧା ଜଗନ୍ନାଥଙ୍କ ରୀତିନୀତିରେ କୌଣସି ବ୍ୟତିକ୍ରମ ହୋଇନାହିଁ । ସଂପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ଶୃଙ୍ଖଳାର ସହ ରଥଟଣାକୁ ସାରା ବିଶ୍ୱ ଦେଖିଲା । ସୂଚନାଯୋଗ୍ୟ ଯେ, ସାରା ବିଶ୍ୱରୁ ପୁରୀ ବଡ଼ଦାଣ୍ଡକୁ ଭକ୍ତଙ୍କ ସୁଅ ଛୁଟେ ରଥଯାତ୍ରା ଅବସରରେ । ଚଳିତ ବର୍ଷ କିନ୍ତୁ ଭକ୍ତଙ୍କୁ ମନା ହେଲା ବଡ଼ଦାଣ୍ଡ । ଝୁରିଲେ ଭକ୍ତ । କାଳିଆର ରଥଯାତ୍ରା କିନ୍ତୁ ମହା ଉଲ୍ଲାସର ସହ ପାଳିତ ହେଲା । ଜଗତର ନାଥ ଜଗନ୍ନାଥଙ୍କ ରଥ ଗଡ଼ିଗଲା ଶରଧା ବାଲିଯାଏ, ଭକ୍ତଶୂନ୍ୟ ବଡ଼ଦାଣ୍ଡରେ । ଜଗତ ଦେଖିଲା ବିଶ୍ୱନିୟନ୍ତାଙ୍କୁ ।

## କେତେ ସଜାଗ ଆମ ବଲାଙ୍ଗିର ପୌରପାଳିକା !

ବଲାଙ୍ଗିର, (ନିପ୍ର) : ମୌସୁମୀର ପ୍ରଥମ ବର୍ଷାରେ ବଲାଙ୍ଗିର ସହରର ବିଭିନ୍ନ ଜନବସତିରେ ଡ୍ରେନ୍ ପାଣି ପଶିଛି । ସାମାନ୍ୟ ବର୍ଷାରେ ବି ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଡ୍ରେନ୍ ସଫା ପ୍ରତି ଆମ ବଲାଙ୍ଗିର ପୌରପାଳିକାର ଟିକିଏ ବି ନିଘା ନଥିବା ସହରବାସୀଙ୍କୁ କଷ୍ଟ ଦେଉଛି ।

ସୂଚନାଯୋଗ୍ୟ ଯେ, ବିଭିନ୍ନ ପଡ଼ାର ତଳି ଅଂଚଳରେ ରହିଥିବା ଜନବସତିରେ ମୌସୁମୀର ପ୍ରଥମ ବର୍ଷାରେ ପାଣି ପଶିଥିଲା । ଅଧିକାଂଶ ସ୍ଥାନରେ କେବଳ ଡ୍ରେନ୍‌ଗୁଡ଼ିକ ଅଳିଆ ଆବର୍ଜନାରେ ଜାମ୍ ହୋଇଥିବା କାରଣରୁ ଘରଗୁଡ଼ିକୁ ପାଣି ପଶୁଥିବା ଅଂଚଳବାସୀ କୁହନ୍ତି । ସ୍ଥାନୀୟ ଦୁଇ ନମ୍ବର ୱାର୍ଡ଼ ଶାନ୍ତିପଡ଼ା ଅଂଚଳରେ ଶାନ୍ତିପଡ଼ାରୁ ସିଆର୍‌ପିଏଫ୍ କ୍ୟାମ୍ପ୍ ଆଡ଼କୁ ଯାଇଥିବା ମୁଖ୍ୟ ରାସ୍ତାର ଡାହାଣ କଡ଼ରେ ଥିବା ଡ୍ରେନ୍ ଜାମ୍ ହୋଇଥିବା କାରଣରୁ ଖାଲୁଆ ରହିଥିବା ଘର ଭିତରକୁ ପାଣି ପଶିଥିବା ଦେଖିବାକୁ ମିଳିଛି ।

ଅନ୍ୟପକ୍ଷରେ ସାରା ରାଜ୍ୟରେ କରୋନା ସ୍ଥିତି ଯୋଗୁଁ ଜୋର୍‌ସୋର୍ ସଚେତନତା ଅବଲମ୍ବନ କରାଯାଉଥିବା ବେଳେ ବଲାଙ୍ଗିର ପୌରପାଳିକା ଏ କ୍ଷେତ୍ରରେ ଧିମେଇ ଯାଇଥିବା ଅନୁମାନ କରାଯାଇଛି । ରାଜ୍ୟର ଅନେକ ଜିଲ୍ଲାର ହଜାର ହଜାର ଶ୍ରମିକ ବଲାଙ୍ଗିର ରେଳ ଷ୍ଟେସନ୍‌ରେ ଓହ୍ଲାଇବା ସହ ସ୍ଥାନୀୟ କ୍ୱାରେନ୍‌ଟାଇନ୍ ସେଂଟର୍‌ମାନଙ୍କରେ ରହିଛନ୍ତି । ବସ୍ ଦ୍ୱାରା କ୍ୱାରେନ୍‌ଟାଇନ୍ ସେଂଟର୍‌ଗୁଡ଼ିକୁ ଶ୍ରମିକମାନଙ୍କୁ ନିଆ ଅଣା କରାଯାଇଛି । ପୁଣି କିଛି ଶ୍ରମିକ ପାଦରେ ଚାଲି ଚାଲି ମଧ୍ୟ ସେଂଟରରେ ପହଂଚିଥିବା ଅନେକ ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ଦିନେ ବି ପ୍ରବାସୀ ଶ୍ରମିକଙ୍କ ବସ୍ ଯିବା ଆସିବା କରୁଥିବା ରାସ୍ତାକୁ ସେନିଟାଇଜ୍ କରାଯିବା ଦେଖିବାକୁ ମିଳିନାହିଁ ।

ସାରା ବିଶ୍ୱ କରୋନା ସଂକ୍ରମଣକୁ ନେଇ ତତ୍ପର ହୋଇ ଉଠିଥିବା ବେଳେ ବଲାଙ୍ଗିର ପୌରପାଳିକାର ନୀରବତା ସ୍ଥାନୀୟ ଜନସାଧାରଣଙ୍କୁ ଆତଙ୍କିତ କରିଛି । ଶହ ଶହ ପ୍ରବାସୀ ଶ୍ରମିକ ବୁହା ବସ୍ ଯିବା ଆସିବା କରୁଥିବା ବେଳେ କ୍ୱାରେନ୍‌ଟାଇନ୍ ସେଂଟର୍ ଆଖପାଖ ଅଂଚଳରେ ପ୍ରବାସୀ ଶ୍ରମିକମାନେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା । ତଥାପି ସହର ଭିତରେ କୌଣସି ଅଂଚଳ ସେନିଟାଇଜ୍ କରା ନଯିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ସହରବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବଲାଙ୍ଗିର ପୌରପାଳିକା ଉଚିତ ପଦକ୍ଷେପ ନେବାକୁ ଦାବୀ ହେଉଛି ।

## ଚଟ୍‌ପଟ୍

ଆନଂଦ



ରଥ ଯାତରା ବି ଫିକା ପଡ଼ିଗଲା
କରୋନା ମାଡ଼ରେ ଏଥର
ଜୀବନ ଜୀବିକା ଆକାଶେ ଉଡ଼ୁଛି
ସାହାସ ପୂରୁନି କାହାର....
ଦେଖି ଦେଖି କଳା ଠାକୁର,
ତୁମେ ଗଢ଼ିଥିବା ଜଗତକୁ ଏବେ
କରୋନା କଲା କି ମନ୍ତର ! !






### ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୦ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଅଧ୍ୟାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

କରୋନା ମହାମାରୀ ବିରୋଧରେ ମାନବଜାତିର ଲଢେଇରେ ବିଜୟ ନିମନ୍ତେ ମହାପ୍ରଭୁଙ୍କ କରୁଣା ପ୍ରାର୍ଥନା କରୁଛି ।

(ଗଣେଶୀ ଲାଲ)



### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀ ଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି ।

ଚଳିତ ବର୍ଷ ସାରା ବିଶ୍ୱ ପାଇଁ ଏକ ଆହ୍ୱାନର ବର୍ଷ । ଆମେ ସମସ୍ତେ ସବୁ କଟକଣାକୁ ମାନି ଆମର ଦୈନନ୍ଦିନ ଜୀବନରେ କୋଭିଡ ରୋଗର ମୁକାବିଲା କରିଆସୁଛୁ ।

ଏହି ପବିତ୍ର ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ । ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

ଜୟ ଜଗନ୍ନାଥ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



### ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ପତିତପାବନ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସାମ୍ୟ, ମୈତ୍ରୀ ଓ ବିଶ୍ୱକଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ମହାପର୍ବ । ସମଗ୍ର ବିଶ୍ୱ କରୋନା ମହାମାରୀ ସଙ୍କଟ ଦେଇ ଗତି କରୁଥିବାବେଳେ, କୋଭିଡ୍-୧୯ କଟକଣା ମାନି ରଥଯାତ୍ରାକୁ ସୁରୁଖୁରୁରେ ସମାପନ ପୂର୍ବକ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷାକରି ସମୃଦ୍ଧି ଓ ସଂପ୍ରୀତିର ଆବାହନ ଆମ୍ଭମାନଙ୍କର କର୍ତ୍ତବ୍ୟ ।

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ମାନବ ଜାତି, ଭାରତବର୍ଷ ଓ ସର୍ବୋପରି ଓଡ଼ିଶାବାସୀଙ୍କ ମଙ୍ଗଳ କରନ୍ତୁ, ଏତିକି ପ୍ରାର୍ଥନା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-39 OIPR-15001/13/0057/2021

## ସଂପାଦକୀୟ

# ଏଥର ରଥଯାତ୍ରା

ଲୀଳାମୟଙ୍କ ଲୀଳା ଅନୁସାରେ ଏଥର ରଥଯାତ୍ରା ଅନୁଷ୍ଠିତ ହେବା ସମ୍ଭବ ହୋଇପାରିଲା । କରୋନା କଟକଣା ଯୋଗୁଁ ବହୁ ଆଲୋଚନା ପର୍ଯ୍ୟାଲୋଚନା, ବିଚାର ବିମର୍ଶ ପରେ ସୁପ୍ରିମକୋର୍ଟଙ୍କ କଟକଣାଯୁକ୍ତ ଅନୁମତି ମିଳିଲା । ଜଗନ୍ନାଥଙ୍କ ରଥ ଗଡ଼ିଲା ।

ଭକ୍ତବିହୀନ ବଡ଼ଦାଣ୍ଡରେ ରଥ ଗଡ଼ିଲା ସତ, କିନ୍ତୁ ବିଶ୍ୱର କୋଣେ ଅନୁକୋଣେ ରହିଥିବା ଜଗନ୍ନାଥ ଭକ୍ତ ରଥଯାତ୍ରା ଦର୍ଶନର ସୁଯୋଗ ପାଇ ପାରିଲେ ଦୂରଦର୍ଶନ ମାଧ୍ୟମରେ । ପୂର୍ବ ବର୍ଷଗୁଡ଼ିକ ପରି ଚଳିତ ବର୍ଷ ଭକ୍ତମାନଙ୍କ ଭିଡ଼ ନଥିଲା ବଡ଼ଦାଣ୍ଡରେ । ସେବାୟତମାନଙ୍କ ଦ୍ୱାରା ହିଁ ଅନୁଷ୍ଠିତ ହେଲା ରଥଯାତ୍ରା । ନୀତିକାନ୍ତି ଅନୁସାରେ ଭକ୍ତର ଭଗବାନଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମନ ମୋହିଲା ଭକ୍ତଙ୍କ । ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବା ବଡ଼ଦାଣ୍ଡ ରଥଯାତ୍ରା ବେଳେ ଖାଲି ଖାଲି ଲାଗୁଥିଲା ।

ସୂଚନାଯୋଗ୍ୟ ଯେ, ଗତ ତିନି ଶହ ବର୍ଷ ମଧ୍ୟ ଏଭଳି ଭକ୍ତଶୂନ୍ୟ ରଥଯାତ୍ରା ହୋଇ ନଥିଲା । ଅତ୍ୟନ୍ତ ଶୃଙ୍ଖଳାର ସହ ରଥ ଟାଣୁଥିବା ସେବାୟତମାନେ ଜଗତ ସ୍ରଷ୍ଟା ଜଗନ୍ନାଥଙ୍କ ପ୍ରତି ଆହୁରି ସମର୍ପିତ ହୋଇ ଉଠିଥିଲେ । ଟିଭି ପରଦାରେ ଦର୍ଶନ କରୁଥିଲେ ଅଗଣିତ ବିଶ୍ୱର କୋଣ ଅନୁକୋଣେ ରହିଥିବା ଜଗନ୍ନାଥ ପ୍ରେମୀ ।

କୁହାଯାଏ, ଜଗନ୍ନାଥଙ୍କ ଇଚ୍ଛା ସମ୍ମୁଖରେ ସବୁ ତୁଚ୍ଛ । ଇଚ୍ଛାମୟ ତାଙ୍କ ଇଚ୍ଛା ଅନୁସାରେ ଜଗତ ଚଳାନ୍ତି । ଯଦିବି ଭକ୍ତଙ୍କ ଗହଳି ନଥିଲା, ତଥାପି ସଂଧ୍ୟା ପୂର୍ବରୁ ତିନି ରଥ ଶରଧାବାଲିରେ ପହଂଚିଥିଲା । ସମୟ ମୁତାବକ ନୀତିକାନ୍ତି ସମାପନ ହୋଇ ପାରିଥିଲା ।

ରଥଯାତ୍ରା ପୂର୍ବରୁ ସୁରକ୍ଷା ଓ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ବିଶେଷ ପଦକ୍ଷେପ ନେବା ପରେ ଆରମ୍ଭ ହୋଇଥିଲା ରଥଯାତ୍ରା । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି; ଯାହା ଇଚ୍ଛାମୟ କାଳିଆ ଠାକୁରଙ୍କ ଇଚ୍ଛା ବିନା କେବେ ବି ସମ୍ଭବ ନୁହେଁ । ତାଙ୍କର ଆଶୀଷରେ ହିଁ ବଡ଼ଦାଣ୍ଡ ତା'ର ପୂର୍ବ ମର୍ଯ୍ୟାଦା ବଜାୟ ରଖି ପାରିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ତେବେ ବିସ୍ମୟର କଥା ଯେ, ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼କୁ ସରକାରଙ୍କ ଆକଟ କରିବାରେ ସମର୍ଥ ହୋଇ ପାରିଛନ୍ତି ତଥା ରଥଯାତ୍ରା ମଧ୍ୟ ନୀତିକାନ୍ତି ମଧ୍ୟରେ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇପାରିଛି । ରଥ ଉପରେ ମଧ୍ୟ କୌଣସି ପ୍ରକାର ଭିଡ଼ ଏଥର ଦେଖିବାକୁ ମିଳି ନଥିଲା । ସ୍ପଷ୍ଟ ଭାବେ ଟିଭି ପରଦାରେ ଭକ୍ତମାନେ ଭଗବାନଙ୍କୁ ଦର୍ଶନ କରି ପାରିଛନ୍ତି । ଭକ୍ତଙ୍କ ଭାବରେ ଭୋଳ ଜଗନ୍ନାଥ ଜଗତବାସୀଙ୍କ କଲ୍ୟାଣ ପାଇଁ ବଡ଼ଦାଣ୍ଡରେ ବିଜେ କରିଛନ୍ତି; ଏହା ହିଁ ଅହୋଭାଗ୍ୟ ବୋଲି ଭକ୍ତ ମନେ କରିଛି । ଜଗନ୍ନାଥ ଚାହାଁନ୍ତୁ ଜଗତକୁ, ଜଗତର ଦୁଃଖକୁ ଏବଂ ନିଜ ମହାନତାକୁ ପ୍ରତିପାଦନ କରି ଜଗତର ଦୁଃଖକୁ ଲାଘବ କରନ୍ତୁ, ଏହା ହିଁ ଆଜିର ଏହି ମହାର୍ଘ୍ୟ ସମୟରେ କାମନା କରାଯାଇପାରେ ।

# ବେକାରୀ ଓ ପ୍ରବାସୀ ଓଡ଼ିଆଙ୍କ ପାଇଁ କୃଷି କ୍ଷେତ୍ରରେ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବା ଏକାନ୍ତ ଜରୁରୀ

ଡ. ଡି.ବି.ହୃଦୟ

**ରାଜ୍ୟରେ ପୂର୍ବରୁ ଥିବା ସୁତାକଳ, ଚିନିକଳ, ତେଲକଳଗୁଡ଼ିକର ପୁନରୁଦ୍ଧାର ହେବା ଏକାନ୍ତ ଜରୁରୀ ।**

ଆଜି ସମଗ୍ର ବିଶ୍ୱ ମହାମାରୀ କରୋନାରେ କବଳିତ । ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ସାଙ୍ଗକୁ କୋଭିଡ୍-୧୯ ଆମ ପାଇଁ ଆଉ ଏକ ଚାଲେଞ୍ଜ । ଏହି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ବଇରୀ ସାଜିଛି । ବିଭିନ୍ନ ବିପଦକୁ ସାମ୍ନା କରିବା ପାଇଁ ଶକ୍ତି ଓ ସମ୍ବଳର ସମ୍ଭାବନା କେତେ ଆଜି ଏହା ଏକ ପ୍ରଶ୍ନବାଚୀ ? ଏପରି ପରିସ୍ଥିତିରେ ପ୍ରତ୍ୟେକ ଲୋକ ନିଜକୁ ସୁରକ୍ଷା ଦେଇ ଅନ୍ୟକୁ ସୁରକ୍ଷା ଦେବାର ଆହ୍ୱାନ ଆସିଛି । ଏହି ମହାମାରୀ କରୋନା ସମୟରେ ଆମ ରାଜ୍ୟର ବାହାରେ ଥିବା ଲୋକ ନିଜ ଘରକୁ ଫେରି ଆସିବାର ସୁଅ ଛୁଟିଛି । ଏହା ମଧ୍ୟ ଆମ ପାଇଁ ରୋଗ ବାରଣ ନିମିତ୍ତ ଆହ୍ୱାନ ହେଲେ ମଧ୍ୟ ସଂଜ୍ଞମତା ଓ ସତର୍କତା ପାଇଁ ଦାୟିତ୍ୱ ମଧ୍ୟ । ଏହି ପରିପ୍ରେକ୍ଷୀରେ ପରିସ୍ଥିତିକୁ ମୁକାବିଲା କରିବା ଏବଂ ସୀମିତ ସମ୍ବଳକୁ ପୁଞ୍ଜିକରି ବଂଚିବା ପାଇଁ ବ୍ୟବସ୍ଥାର ପଥ ନିରୁପଣ ଜରୁରୀ । ରାଜ୍ୟରେ ଯେପରି ବେକାରୀ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି ପ୍ରବାସୀ ଓଡ଼ିଆଙ୍କର ମିଳନରେ ଆମ ରୋଜଗାର ପନ୍ଥାକୁ ଏକ ଜଟିଳ ପରିସ୍ଥିତିରେ ପହଞ୍ଚାଇଛି । ଏପରି ସ୍ଥିତିରେ ବେକାରୀ ଓ ପ୍ରବାସୀ ଓଡ଼ିଆଙ୍କ ପାଇଁ ସରକାରଙ୍କ ପକ୍ଷରୁ କୃଷି କ୍ଷେତ୍ରରେ ବିଭିନ୍ନ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବା ଏକାନ୍ତ ଜରୁରୀ ।

ଆମ ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପାଇଁ ପ୍ରଚୁର କଞ୍ଚାମାଲ ଅଛି । ପ୍ରକୃତି ଦତ୍ତ ଅନେକ ସୁଯୋଗ ମଧ୍ୟ ରହିଛି । ଦିନ ଥିଲା ଘରୋଇ ଉତ୍ପାଦନ କ୍ଷେତ୍ରରେ କୃଷି କ୍ଷେତ୍ରକୁ ୫୦ ପ୍ରତିଶତ ଅବଦାନ ଥିବା ବେଳେ ଆଜି ୧୫ ରୁ ୨୦ ପ୍ରତିଶତରେ ପହଞ୍ଚିଛି । ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ଅନୁପାତରେ ଚାଷ ଜମି ସଙ୍କୁଚିତ ହେବାରେ ଲାଗିଛି । ଯାହାକି ଭବିଷ୍ୟତ ପାଇଁ ଖାଦ୍ୟ ନିରାପତ୍ତା ନିମନ୍ତେ ଏକ ବିପଦକୁ ଏଡ଼େଇ ଦିଆ ଯାଇ ନ ପାରେ । ଚାଷୀ ପରିବାରର ଭେଣ୍ଡିଆ ଯୁବକମାନେ ମଧ୍ୟ ଚାଷ କାର୍ଯ୍ୟରୁ ମୁହଁ ବୁଲାଉଛନ୍ତି । ଏହା ମଧ୍ୟ ଆମ ରାଜ୍ୟର ପ୍ରଗତିର ଏକ ଅଶୁଭ ଲକ୍ଷଣ । ଗ୍ରାମାଞ୍ଚଳର କୃଷିଜୀବୀ ମହିଳାମାନେ ପୂର୍ବ ପରି କୃଷି କ୍ଷେତ୍ରରେ ଯେପରି ଅଧିକରୁ ଅଧିକ ସହଭାଗୀ ଥିଲେ ବର୍ତ୍ତମାନ ଏହାର ବ୍ୟତିକ୍ରମ ଘଟିଛି । କେବଳ ଆଦିବାସୀ ଅଧ୍ୟୁଷିତ ପାର୍ବତ୍ୟ ଅଞ୍ଚଳର କୃଷିଜୀବି ମହିଳାମାନେ ୮୦ ପ୍ରତିଶତ କୃଷି କ୍ଷେତ୍ରରେ ନିୟୋଜିତ ଥିବା ବେଳେ ୨୦ ପ୍ରତିଶତ ପୁରୁଷ ଚାଷ କାର୍ଯ୍ୟକୁ ଆବୋରେଇ ଥିଲେ ମଧ୍ୟ କୃଷି ବିକାଶ ଧାରାରେ ସେତିକି ପରିମାଣରେ ସାମିଲ ହୋଇ ପାରୁ ନାହାନ୍ତି । ଈଶ୍ୱରଙ୍କ କୃପାରୁ ଓଡ଼ିଶାରେ ଚାଷ ଓ ତତ୍‌ସଂଲଗ୍ନ ଚାଷ କରିବାପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ସରକାରୀ ସ୍ତରର ବିଭିନ୍ନ କୃଷି ଯୋଜନା ଓ କୃଷିଜୀବିମାନଙ୍କର ଆଗ୍ରହ ଓ ତତ୍ପରତା, ସମନ୍ୱୟ ସଠିକ୍ ଭାବରେ ରହିପାରିଲେ ଏହା ବାସ୍ତବାଭିମୁଖୀ ହେବାରେ କୌଣସି ଅସୁବିଧା ହେବ ନାହିଁ । ବର୍ତ୍ତମାନର ଅନିୟମିତ ଜଳବାୟୁ ପ୍ରଭାବରେ ଚାଷ କ୍ଷେତ୍ର ଅନେକ ସମୟରେ ପ୍ରଭାବିତ । ଚାଷୀ ଉତ୍ପାଦନ କରୁଥିବା କୃଷିଜାତ ଦ୍ରବ୍ୟର ସୁ-ବିପଣନ, ସଂରକ୍ଷଣ, ରପ୍ତାନୀ, ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ପାଇଁ ଆବଶ୍ୟକ ମୁତାବକ କୃଷି ଭିତ୍ତିଭୂମି ନ ଥିବା ଯୋଗୁ ଚାଷୀ ବହୁ ସମୟରେ ଅଭାବି ବିକ୍ରୀର ଶିକାର ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବାର ଅନେକ ନଜିର ରହିଛି । ଓଡ଼ିଶା ରାଜ୍ୟରେ ଯଦି କୃଷି ଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ଓ ଆବଶ୍ୟକସ୍ଥଳେ ନୂତନ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଏ ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ନିଶ୍ଚୟ ଭାବରେ କମି ପାରିବ । ରାଜ୍ୟରେ ପୂର୍ବରୁ ଥିବା ସୁତାକଳ, ଚିନିକଳ, ତେଲକଳଗୁଡ଼ିକର ପୁନରୁଦ୍ଧାର ହେବା ଏକାନ୍ତ ଜରୁରୀ । ସେହିଭଳି ଭାବରେ ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର, ସୁବର୍ଣ୍ଣପୁର, ନୂଆପଡ଼ା ପ୍ରଭୃତି ଅଂଚଳରେ ଓଡ଼ିଶାର ଧଳାସୁନା କପା ଉତ୍ପାଦନର ଯଥେଷ୍ଟ ସୁଯୋଗ ରହିଛି । ଯାହାକି ସୁତାକଳ ପାଇଁ ଯଥେଷ୍ଟ ସହାୟକ ହେବା ସହିତ ପ୍ରବାସୀ ଓଡ଼ିଆଙ୍କ ନିଯୁକ୍ତି ପାଇଁ ଏକ ବାଟ ବାହାରିବ । କୋରାପୁଟ ଜିଲ୍ଲାର ଶିମିଳିଗୁଡ଼ା, ପଟାଙ୍ଗୀ ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅଦା ଓ ହଳଦୀ ଚାଷର ଯଥେଷ୍ଟ ଚାହିଦା ରହିଛି । ଏହି ଅଞ୍ଚଳରୁ ଉତ୍ପାଦିତ ଅଦା ଓ ହଳଦୀକୁ ମେଗା ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତି କରାଯାଇ ବାହାର ରାଜ୍ୟ ଓ ଦେଶ ବିଦେଶକୁ ରପ୍ତାନୀ କରାଗଲେ ସ୍ଥାନୀୟ ଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିଶ୍ଚୟ ହୋଇ ପାରିବ । ନବରଙ୍ଗପୁର ଜିଲ୍ଲାର ମକା ଓ ଅନ୍ୟ କେତେଗୋଟି ଜିଲ୍ଲାରେ ଉତ୍ପାଦିତ ହେଉଥିବା ସୁଇଟ୍ କର୍ଣ୍ଣ ମକାର ଯଥେଷ୍ଟ ଚାହିଦା ରହିଛି । ସେହିପରି ଦେବଗଡ଼ କିଲ୍ଲାରେ ଲିଚୁ ଓ ତରଭୁଜ ଚାଷ ଯଥେଷ୍ଟ କରାଯାଉଛି । ଚାଷୀଙ୍କ ପାଇଁ ଏହି ଦିଗରେ ଅଧିକ ସୁଯୋଗ ସୃଷ୍ଟି କରାଗଲେ ଚାଷୀମାନେ ଅଧିକ ଦି ପଇସା ପାଇ ପାରିବେ । କାଜୁ ଚାଷ ପାଇଁ ମଧ୍ୟ ଯଥେଷ୍ଟ ଭିତ୍ତିଭୂମି ରହିଛି ଏବଂ କାଜୁ ଉତ୍ପାଦନ କରାଯାଇ ପ୍ରୋସେସିଂର ବ୍ୟବସ୍ଥା ଅଗ୍ରଗତି କରାଯାଇ ପାରିବ ।

ସରକାରଙ୍କ ପକ୍ଷରୁ ଗୋ ପାଳନ, ଛାଗ ମେଷ, କୁକ୍କୁଟ ଓ ବତକ ଚାଷ ପାଇଁ ମଧ୍ୟ ଅଧିକ ସୁଯୋଗ ସୃଷ୍ଟି କରାଯାଇଛି । କିନ୍ତୁ ଏହାକୁ ବ୍ୟାପକତା କରିବା ଅତି ଜରୁରୀ । ମତ୍ସ୍ୟ ଚାଷ କ୍ଷେତ୍ରରେ ଓଡ଼ିଶା ଅଗ୍ରଗତି କରିଥିଲେ ମଧ୍ୟ ବହୁ ସମୟରେ ଆନ୍ଧ୍ର ଉପରେ ମାଛ ପାଇଁ ଆମକୁ ନିର୍ଭର କରିବାକୁ ପଡୁଛି । ତେଣୁ ସରକାରଙ୍କ ମୋ ପୋଖରୀ ଯୋଜନାରେ ଅଧିକରୁ ଅଧିକ ସାମିଲ ହେଲେ ସାଧାରଣତଃ ମାଛ ଉତ୍ପାଦନରେ ଅନ୍ୟ ଏକ ସୁବିଧା ମିଳିପାରିବ । ସେହିଭଳି ଆଳୁ ଓ ପିଆଜ ଚାଷ ପାଇଁ ସୁଯୋଗ ରହିଛି । ରାଜ୍ୟରେ ବର୍ଷକୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ଓ ୬ ଲକ୍ଷ ଟନ୍ ପିଆଜର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ଓଡ଼ିଶାରେ ବର୍ଷକୁ ପ୍ରାୟ ୨ ଲକ୍ଷ ଟନ୍ ଆଳୁ ଓ ୧ ଲକ୍ଷ ଟନ୍ ପିଆଜ ଉତ୍ପାଦନ କରାଯାଉଛି । ବ୍ୟବସ୍ଥା ଅନୁଯାୟୀ ଏହାର ମଧ୍ୟ ସଂପ୍ରସାରଣ ଏକାନ୍ତ ଜରୁରୀ । ଦୁଗ୍ଧ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେବାକୁ ଯାଉଥିବା ବେଳେ ମଧ୍ୟ ଅନେକ କ୍ଷେତ୍ରରେ ବହୁ ବାଧା ବିଘ୍ନ ଉପୁଜୁଛି । ଫଳରେ ଦୁଗ୍ଧ ଚାଷୀମାନେ ଅନେକ ସମୟରେ ଅଭାବି ବିକ୍ରିର ଶିକାର ହେଉଛନ୍ତି ଏବଂ ଉପଯୁକ୍ତ ମୂଲ୍ୟ ପାଇ ପାରୁ ନାହାନ୍ତି । ଯଦି ସରକାରଙ୍କ ପକ୍ଷରୁ ଶିଶୁମାନଙ୍କର ପୁଷ୍ଟିସାର ପାଇଁ ରାଜ୍ୟର ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ଛୋଟ ପିଲାମାନଙ୍କୁ ମାଗଣାରେ ଦୁଗ୍ଧପାନ ପାଇଁ ବ୍ୟବସ୍ଥା କରାଯାଇ ପାରିବ, ଚାଷୀମାନେ ସରକାରଙ୍କଠାରୁ ଦୁଇ ପଇସା ଅଧିକ ପାଇ ପାରିଲେ ସେମାନଙ୍କ କ୍ଷତି ଭରଣାରେ ସହାୟକ ହୋଇ ପାରିବ ।

ସରକାରଙ୍କ ଘୋଷିତ ନୂତନ ସଂଶୋଧିତ ସମୃଦ୍ଧି କୃଷିନୀତିରେ ବହୁତଗୁଡ଼ିଏ ସକାରାତ୍ମକ ଆଭିମୁଖ୍ୟ ରହିଅଛି । ସେଗୁଡ଼ିକୁ ଆମ ଚାଷୀଭାଇମାନେ ଅଧିକରୁ ଅଧିକ ଜାଣିବା ଉଚିତ୍ । ଆଗ କାଳରେ କଥା ଥିଲା ବନ୍ଦର କଉଡ଼ି ପନ୍ଦର ଦିନକୁ ଚାକିରୀ ପଇସା ମାସେ । ହିଡ଼ ମାଟି ଯଦି ହିଡ଼େ ଲଦୁଥିବ ବସି ଖାଇବ ବରଷେ । ଅର୍ଥାତ- ବାହାର ରାଜ୍ୟରେ ରହି ନିଜକୁ ପ୍ରବାସୀ ଓଡ଼ିଆ ପରିଚୟ ଦେବା ଅପେକ୍ଷା ନିଜ ଚାଷ କ୍ଷେତ୍ରରେ ନିୟୋଜିତ ରହି ସ୍ୱାଭିମାନ ହେବାର ସୁଯୋଗ ସୃଷ୍ଟି କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । କିନ୍ତୁ ଅନେକ ସମୟରେ ସରକାରଙ୍କ ଯୋଜନାଗୁଡ଼ିକ ସାଧାରଣ ଚାଷୀଟିଏ ପାଖରେ ପହଞ୍ଚିବା କ୍ଷେତ୍ରରେ ବାଧକ ସୃଷ୍ଟି କରିଥାଏ । ଫଳରେ ଚାଷୀ ଆଶାଶୂନ୍ୟ ହୋଇ ବାହାରକୁ ଯିବା ପାଇଁ ଦାଦନ ଶ୍ରମିକ ରୂପେ ବାଟ ଖୋଜେ । ତେଣୁ ଏହାର ନିରାକରଣ ବ୍ୟବସ୍ଥା ପ୍ରତି ଜନସାଧାରଣ ଓ ସରକାର ଶତତ ଉଦ୍ୟମ କରିବା ବାଞ୍ଛନୀୟ ।

ନିର୍ଦ୍ଦେଶକ : ଓଡ଼ିଶା ଫଲୋ ଅପ୍
ବିଶିଷ୍ଟ ସମାଜସେବୀ
ସା/ପୋ- କୁରୁଡ଼ା, ବାଲେଶ୍ୱର, ଓଡ଼ିଶା

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ. ୯୪୩୭୦୩୯୦୧୬



# ଅପୂର୍ଣ୍ଣାଂଗ ଶିକ୍ଷାପଦ୍ଧତି

ସ୍ୱାଧୀନୋତ୍ତର ଭାରତର ଶିକ୍ଷାପଦ୍ଧତିକୁ ନେଇ ଅନେକ ବିତର୍କ ସମୟ ସମୟରେ ସୃଷ୍ଟି ହୋଇଛି । ଲର୍ଡ ମେକାଲେଙ୍କ ଶିକ୍ଷାନୀତିର ଅସାରତା ଭାରତୀୟ ଶିକ୍ଷାବିତ୍‌ମାନେ ହୃଦୟଙ୍ଗମ କରି ପାରିଛନ୍ତି, ଅଥଚ ଏକ ବିକଳ୍ପ ପ୍ରସ୍ତୁତ କରିବାରେ ବିଫଳ ହେଉଛନ୍ତି । ରାଜନୀତିକ ବାଧ୍ୟବାଧକତା, ପ୍ରଶାସନିକ ଅପାରଗତା ଏବଂ ଶିକ୍ଷା ଜଗତର ଜଡ଼ତା ଏକ ସର୍ବାଙ୍ଗୀଣ ଶିକ୍ଷାପଦ୍ଧତି ସୃଷ୍ଟି କରିବାରେ ବାଧକ ସାଜିଛନ୍ତି । ଆଜି ମସ୍ତିଷ୍କକୁ ଆଲୋଡ଼ିତ କରିବା ସହ ହୃଦୟ ଆଲୋକିତ କରି ପାରୁଥିବା ତଥା ଜୀବନର ପ୍ରାଥମିକ ଆବଶ୍ୟକତାକୁ ଶୂନ୍ୟାଙ୍କରେ ପହଂଚାଇ ପାରୁଥିବା ଭଳି ଶିକ୍ଷାପଦ୍ଧତିକୁ ସ୍ୱୀକୃତି ମିଳିବା ଉଚିତ ।

ପ୍ରାୟ ଚାଳିଶ ବର୍ଷ ତଳର ଘଟଣା । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏକ ସଂଗୋଷ୍ଠୀ ଚାଲିଥାଏ । ବିଷୟ ରଖାଯାଇଥାଏ – ଆଜିର ଶିକ୍ଷାପଦ୍ଧତି ଭଲ ନା ଭୁଲ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ଡଃ. ଡି.ଏସ୍. କୋଠାରୀଙ୍କ ନେତୃତ୍ୱରେ ପ୍ରଫେସର ଯଶପାଳ ଆଦି ବରିଷ୍ଠ ଶିକ୍ଷାବିତ୍ ଅଂଶଗ୍ରହଣ କରୁଥାନ୍ତି । ମଂଚରେ ନୈତିକତା କ୍ଷେତ୍ରରେ ସଘନ କାମ କରୁଥିବା ଅଣୁବ୍ରତ ଆନ୍ଦୋଳନର ପ୍ରବର୍ତ୍ତକ ଆଚାର୍ଯ୍ୟ ଶ୍ରୀ ତୁଳସୀଙ୍କୁ ସମ୍ମାନିତ ଅତିଥି ରୂପେ ଆମନ୍ତ୍ରିତ କରାଯାଇଥାଏ । ଉପସ୍ଥିତ ଶିକ୍ଷାବିତ୍‌ମାନଙ୍କ ମଧ୍ୟରୁ କିଛି ଆଜିର ଶିକ୍ଷାପଦ୍ଧତିକୁ ଭଲ ବୋଲି ଯୁକ୍ତି ବାଢୁଥିବା ବେଳେ ଅଧିକାଂଶ ବିଜ୍ଞବ୍ୟକ୍ତି ଶିକ୍ଷାପଦ୍ଧତିର ଦୋଷତ୍ରୁଟି ବଖାଣି ଚାଲିଥାନ୍ତି । ଆଲୋଚନାଚକ୍ରରେ ଏକ ମଧୁର ବିବାଦ ସୃଷ୍ଟି ହେଲା । ଏହି ପରିସ୍ଥିତିରେ ଡଃ କୋଠାରୀ, ଆଚାର୍ଯ୍ୟ ତୁଳସୀଙ୍କୁ ତାଙ୍କ ବିଚାର ଅଭିବ୍ୟକ୍ତ କରିବା ପାଇଁ କହିଲେ ।

ଆଚାର୍ଯ୍ୟ ତୁଳସୀ କହିଲେ, 'ଆଜିର ଆଲୋଚନାଚକ୍ରର ଯେଉଁ ବିଷୟ ନିର୍ଦ୍ଧାରଣ କରାଯାଇଛି, ତାହା ହିଁ ମୋ ମତରେ ଭୁଲ ଅଟେ ।' ପ୍ରଫେସର ଯଶପାଳ ସାମାନ୍ୟ ବିରକ୍ତି ପ୍ରକାଶ କରି କହିଲେ – 'ଏହା ଆପଣ କିପରି କହୁଛନ୍ତି ?' ଆଚାର୍ଯ୍ୟ ତୁଳସୀ କହିଲେ – 'ଯଦି ଆଜିର ଶିକ୍ଷାପଦ୍ଧତି ସଂପୂର୍ଣ୍ଣ ଭୁଲ ତେବେ ଆଜି ଏତେ ବଡ଼ ବଡ଼ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ଓକିଲ, ସି.ଏ., ଏମ୍.ବି.ଏ. ଓ ବୈଜ୍ଞାନିକ କିପରି ସୃଷ୍ଟି ହେଉଛନ୍ତି ? ଯଦି ଶିକ୍ଷାପଦ୍ଧତି ସଂପୂର୍ଣ୍ଣ ଭଲ ତେବେ ଆଜି ଜଣେ ଡାକ୍ତର, ନିଜ ରୋଗୀକୁ କାହିଁକି ଠକୁଛି ? ଜଣେ ଇଂଜିନିୟର ପଇସା ଲୋଭରେ ନିମ୍ନମାନର ପୋଲ କାହିଁକି ତିଆରି କରୁଛି ? ଜଣେ ଅଧ୍ୟାପକ ଛାତ୍ରଛାତ୍ରୀଙ୍କ ପ୍ରତି ଆପଣା କର୍ତ୍ତବ୍ୟ ସଂପାଦନ ନ କରି କେବଳ ଦରମା ପଛରେ କାହିଁକି ଗୋଡ଼ାଉଛି ? ଜଣେ ସଫଳ ବୈଜ୍ଞାନିକ ଅକସ୍ମାତ୍ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କାହିଁକି କରୁଛି ? ଜଣେ ଉଦ୍ୟୋଗପତି, ଶ୍ରମିକ ଓ କର୍ମଚାରୀମାନଙ୍କୁ ଶୋଷଣ କାହିଁକି କରୁଛି ? ତେଣୁ ସାଂପ୍ରତିକ ଶିକ୍ଷାପଦ୍ଧତିକୁ ଭୁଲ କିମ୍ବା ଖରାପ ବୋଲି କହିଦେବା ସମୀଚୀନ ନୁହେଁ ?

ସଂଗୋଷ୍ଠୀରେ ଗଭୀର ନୀରବତା ବ୍ୟାପିଯାଇଛି । ସମସ୍ତେ ସମାଧାନ ଆଶାରେ ତାଙ୍କ ଆଡ଼କୁ ଚାହିଁଲେ । ଆଚାର୍ଯ୍ୟ ତୁଳସୀ କହି ଚାଲିଲେ – 'ଆଜିର ଶିକ୍ଷାପଦ୍ଧତି ହେଉଛି ଅପୂର୍ଣ୍ଣାଙ୍ଗ । ବୁଦ୍ଧି ଓ ବଳର ବିକାଶ ପାଇଁ ମସ୍ତିଷ୍କର ବାମପଟଳ ସକାଶେ ପର୍ଯ୍ୟାପ୍ତ ଅବସର ଆଜିର ଶିକ୍ଷାପଦ୍ଧତିରେ ଭରି ରହିଛି । ଅଥଚ ଭାବନାତ୍ମକ ବିକାଶ ପାଇଁ ଉଦ୍ଦିଷ୍ଟ ମସ୍ତିଷ୍କର ଡାହାଣ ପଟଳକୁ ସଂପୂର୍ଣ୍ଣ ଅବହେଳା କରାଯାଉଛି । ସେଥିପାଇଁ ନିଜ ଭାଇ କିମ୍ବା ପଡ଼ୋଶୀର ପରିବାର ତିନି ଦିନ ହେଲା ଅନାହାରରେ କଲବଲ ହେଉଥିବା ବେଳେ ଆମେ ଛଅ ତିଅଣ ନଅ ଭଜା ଖାଇବାରେ ଜମା ସଂକୋଚ କରୁନୁ । କୋମଳ ସଂବେଦନା ସୃଷ୍ଟି କରିବାର ସାମର୍ଥ୍ୟ ଶିକ୍ଷାପଦ୍ଧତିରେ ସୃଷ୍ଟି କରାଯାଇ ପାରିଲେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ସୁସ୍ଥ ଓ ସମୃଦ୍ଧ ହେବ ।'

ବିପୁଳ କରତାଳି ମାଧ୍ୟମରେ ବିଶାଳ ପରିଷଦ ମହାମନାଙ୍କ ବିଚାରକୁ ସମର୍ଥନ ଜଣାଇଲେ ।

# ଇଚ୍ଛାମୟଙ୍କ ଯାହା ଇଚ୍ଛା

ତପସ୍ୱିନୀ



ତାହାର ଯାହା ଇଚ୍ଛା, ତାହା ହିଁ ଘଟେ ଜଗତରେ । ତା'ର ଇଚ୍ଛା ଯାହା ରହିଥିଲା, ତାହା ଘଟିଥିଲା ଇତିହାସରେ । ଆଜି ତା'ର ଯାହା ଇଚ୍ଛା, ତାହା ହିଁ ଘଟୁଛି ଏବଂ ଆଗାମୀ ସମୟରେ ତା'ର ଯାହା ଇଚ୍ଛା ହେବ, ତାହା ହିଁ ଘଟିବ; ଏଥିରେ ତିଳେମାତ୍ର ସଂଦେହ ନାହିଁ ।

ସେ ଇଚ୍ଛାମୟ । ଇଚ୍ଛାର ସମ୍ରାଟ । ସମଗ୍ର ଇଚ୍ଛାର ଅଧିକାରୀ । ଜଗତର କଲ୍ୟାଣ ପାଇଁ ତା'ର ଇଚ୍ଛା ସଦା ସମର୍ପିତ । ତା'ର ଇଚ୍ଛା ସାମ୍ନାରେ ତୁଚ୍ଛ ମଣିଷର ଇଚ୍ଛା ନିହାତି ନଗଣ୍ୟ ଓ ମୂଲ୍ୟହୀନ । ଏହାକୁ ସ୍ୱୀକାର କରିବାକୁ ହେବ ମାନବ ସମାଜକୁ । କୁହାଯାଇଛି, ତା'ର ଇଚ୍ଛା ନହେଲେ ଗଛର ପତ୍ର ବି ହଲେନାହିଁ । ତା'ର ଆଜ୍ଞା ବିନା କେହି ବି କେବେ ଗତିଶୀଳ ନୁହନ୍ତି । ସିଏ ସର୍ବବ୍ୟାପୀ, ସର୍ବଦ୍ରଷ୍ଟା, ସରବ କରତା, ଗତିମୁକ୍ତି ଦାତା । ସେ ହିଁ ତିନି ଭୂବନକୁ ବ୍ୟାପ୍ତ ଜଗତ ପରିଚାଳକ ।

ସିଏ ଦିଏ, ସିଏ ହିଁ ନେଇଯାଏ । ସିଏ ଗଢ଼େ, ସିଏ ହିଁ ଭାଂଗିଦିଏ । ସିଏ ଯୋଡ଼େ, ସିଏ ହିଁ ବିଚ୍ଛିନ୍ନ କରିଦିଏ । ସିଏ ହସାଏ, ସିଏ ହିଁ କନ୍ଦାଏ । ସିଏ ହିଁ ମୋହିନୀ ସଂଗୀତ, ସିଏ ହିଁ ମହାପ୍ରଳୟ । ପ୍ରତ୍ୟେକ ଘଟଣା ପଛରେ ସିଏ ହିଁ ଠିଆ ହୋଇଥାଏ ଅଦୃଶ୍ୟରେ ଅସଲ ନାୟକ ।

ତା'ର ଆଲୋକରେ ଆଲୋକିତ ସଚରାଚର । ତା'ର ଇଚ୍ଛାରେ ଆତଯାତ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଓ ନକ୍ଷତ୍ର । ତା'ର ଇଂଗିତରେ ଜନ୍ମମୃତ୍ୟୁର ଘମାଘୋଟ ଭଉଁରୀ । ତା'ର ପରିଚାଳନାରେ ହିଁ ପରିଚାଳିତ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ । ସଭିଏଁ ତା'ର ଅଦୃଶ୍ୟ ଅଧୀନରେ । ଯେତେବେଳେ ଯେଉଁଠି ଚାହେଁ ଯେଉଁ ରୂପରେ ବି ଉଭା ହୁଏ । ଯେତେବେଳେ ଯେମିତି ଚାହେଁ ଚଳାଏ ପୃଥିବୀକୁ । ଯେମିତି ଚାହେଁ ସେମିତି ନଚାଏ ଜୀବ ଜଗତକୁ । କାହାକୁ କେତେବେଳେ ଘୋର ବିପଦରୁ ଟେକିନିଏ ବାହୁ ପ୍ରସାରୀ ତ' କେତେବେଳେ କାହାର ଡାକରେ ପ୍ରସନ୍ନ ହୋଇ ଅଜାଡ଼ିଦିଏ କରୁଣା । ସେ ଆକାଶ ଭଳି ମହା ବିଶାଳ କେତେବେଳେ ତ' କେତେବେଳେ ସୂକ୍ଷ୍ମାତିସୂକ୍ଷ୍ମ; ପୃଥିବୀର ସମସ୍ତ ଅଣୁରେ ବିଦ୍ୟମାନ ।

ସେହି ଇଚ୍ଛାମୟଙ୍କୁ ଦଣ୍ଡବତ । ତା'ର ପ୍ରତ୍ୟେକ ଇଚ୍ଛାକୁ କୋଟିଏ ପ୍ରଣିପାତ । ତା'ର ଇଚ୍ଛା ହେଉ, ଜଗତବାସୀଙ୍କ କଲ୍ୟାଣ ପାଇଁ । ଏହା ହିଁ ଏଭଳି ଏକ ମହାର୍ଘ୍ୟ ବେଳାରେ ଘୋଷଯାତ୍ରା ସମୟରେ ଆନ୍ତରିକ କାମନା ।

# ସାରସପିଟା ଠାରୁ ଆଡେନଡୁଙ୍ଗୁରୀ ରାସ୍ତା ଶୋଚନୀୟ




ଚୁଡାପାଲି, (ସ୍ୱପ୍ର) : ବଲାଙ୍ଗିର ସଦର ବ୍ଲକ ବାରପୁଡୁଗିଆ ପଞ୍ଚାୟତର ସାରସପିଟା ଠାରୁ ଆଡେନଡୁଙ୍ଗୁରୀ ରାସ୍ତା ପର୍ଯ୍ୟନ୍ତ ବର୍ଷା ପାଣିରେ ରାସ୍ତା କାଦୁଅ ପଚ୍ ପଚ୍ ହୋଇପଡିଛି । ଫଳରେ ଏହି ରାସ୍ତା ମଧରେ ଯାତାୟାତ କରୁଥିବା ଶିବତଲା, ବାରପୁଡୁଗିଆ, ତୁଷୁରାବାହାଲ, ଏବଂ ଚୁଡାପାଲି ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଡି ମଟର ବାଇକ ତ ଦୂରର କଥା, ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି । ୨୦୧୭-୧୮ ଆର୍ଥିକ ବର୍ଷରେ ଚାଲିଥିବା କାମ ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ପାରିନାହିଁ । ସୂଚନା ଫଳକ ଅନୁସାରେ ଏହି କାମ ତା.୦୭.୦୧.୨୦୨୦ରୁ ୫ଲକ୍ଷ ଟଙ୍କା ବ୍ୟୟ ବରାଦରେ କାମ ଚାଲିଛି । କେବଳ ଚିକିଟା ମାଟି ପକା ଯାଇଛି । ମୋରମ୍ ବିଛା ଯାଇନଥିବାରୁ ଅସରାଏ ବର୍ଷାରେ ଚଳପ୍ରଚଳ ବନ୍ଦ ହୋଇଯାଇଛି । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଚାଲିଥିବା ଏହି କାମ ଲୋକଙ୍କ ସୁବିଧା ପାଇଁ କିନ୍ତୁ ବର୍ଷା ହେଲେ ରାସ୍ତା ବନ୍ଦ । ବିଭିନ୍ନ କାର୍ଯ୍ୟରେ ୪/୫ଟି ପଞ୍ଚାୟତର ଶହ ଶହ ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି, କିନ୍ତୁ ରାସ୍ତା ଖରାପ ଯୋଗୁଁ ଅଧିକ ରାସ୍ତା ବୁଲି ଯାତାୟାତ କରୁଛନ୍ତି । ଏଣୁ ରାସ୍ତା ଉପରେ ଯଥାଶୀଘ୍ର ମୋରମ ବିଛାଇ ଚଳପ୍ରଚଳ କରିପାରିବା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଜନସାଧାରଣରେ ଦାବୀ ରହିଛି ।

# ବିନା ରାସ୍ତାରେ କଲ୍ଭର୍ଟ ନିର୍ମାଣ !

ଲୋଇସିଂହା, (ସ୍ୱପ୍ର) : ଲୋଇସିଂହା ଅଧୀନ ବୁଢ଼ୀପଦର ପଂଚାୟତରେ ରାସ୍ତା ନଥିବା ସ୍ଥାନରେ କଲଭର୍ଟ ନିର୍ମାଣ ହୋଇ ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବୀ କରିଛନ୍ତି । ଅଭିଯୋଗ ଅନୁସାରେ ଲୋଇସିଂହା ବ୍ଲକ୍ ବୁଢ଼ୀପଦର ପଂଚାୟତର ପିପିଲିପାଲି (ପଧାନପାଲି) ଠାରୁ ବେନ୍ଦ୍ରା ଗ୍ରାମକୁ ପାଦଚଲା ରାସ୍ତା ରହିଛି । ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା, ଦୁଇ ଚକିଆ ଯାନରେ ମଧ୍ୟ ଯିବା ଆସିବା କରିହୁଏ ନାହିଁ । ତେବେ ଗତ ୨୦୧୭-୧୮ ବର୍ଷରେ ଉପରୋକ୍ତ ରାସ୍ତାରେ କୌଣସି ଆବଶ୍ୟକତା ନଥାଇ ଦୁଇଟି କଲଭର୍ଟ ନିର୍ମାଣ ହୋଇଛି ।

ମାତ୍ର କିଛି ମିଟର ବ୍ୟବଧାନରେ କୌଣସି ଆବଶ୍ୟକତା ନଥାଇ କାହା ସ୍ୱାର୍ଥରେ ସରକାରୀ ଅର୍ଥର ଦୁରୁପଯୋଗ କରାଯାଇ ଦୁଇ ଦୁଇଟି କଲଭର୍ଟ ନିର୍ମାଣ କରାଯାଇଛି, ତାହାର ଉପଯୁକ୍ତ ତଦନ୍ତ କରାଗଲେ ଅନେକ ଭିତିରି ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ଗ୍ରାମର ସୀତାରାମ ପଧାନ, ସୁରଭି ପଧାନ, ଗୁଲାଜପୀ ପଧାନ, ସୌଦାମିନୀ ପଧାନ, ମନୋ ପଧାନ, ଗୌର ପଧାନ, ଯଶୋବନ୍ତୀ ପଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବୀ କରିଛନ୍ତି । ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ଗଠିତ ହେଲା କଳାକାର ସଂଘ

କଂଟାବାଂଜି, (ସ୍ୱପ୍ର) : କଂଟାବାଂଜିର ସମସ୍ତ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ନବଜୀବନ ବିଦ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ କଂଟାବାଂଜି କଳାକାର ସଂଘ ଗଠିତ ହୋଇଯାଇଛି । ସୂଚନା ଅନୁସାରେ ଅମରେନ୍ଦ୍ର ବାଗ ସଭାପତି ଭାବରେ, ଗୋପାଳ ନାଗ ଉପସଭାପତି ଭାବରେ, ସୁମିତ୍ରା ଛତ୍ରିଆ ସଂପାଦକ ଭାବରେ, ପ୍ରକାଶ ମହାନନ୍ଦ ଯୁଗ୍ମ ସଂପାଦକ ଭାବରେ, ବରାହ ଭେଙ୍କଟ ବାଗ କୋଷାଧ୍ୟକ୍ଷ ଭାବରେ ଏବଂ ପ୍ରମୋଦ ବେହେରା ଯୁଗ୍ମ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବରେ ଉମାକାନ୍ତ ମହାନନ୍ଦ, ଶୋଭିତ ତାଣ୍ଡି, ଅଶୋକ କୁମ୍ଭାର, ଉମାଶଙ୍କର ପଟ୍ଟନାୟକ, ମାନସ ଜାଲ ଓ ଧୀରେନ୍ଦ୍ର ଛୁରା ମନୋନୀତ ହୋଇଛନ୍ତି । ଏହି ବୈଠକରେ ଶିବାଶିଷ ନାଗ, ଅରୁନ ନାଗ, ବିର୍ଜୁ ନାଗ, ଜିତେନ୍ଦ୍ର ନାଗ, ବିଧୁଭୂଷଣ ବାଗ, ମନୀଷ ସୁନା, ଡିଙ୍ଗର ସତନାମୀ, ବୈଷ୍ଣବ ଦାସ, ସରୋଜ ବେହେରା, ନିଶାନ୍ତ ଜାଲ, ଖଗେଶ୍ୱର ଶବର, ବିନୋଦ ବେହେରା, ନନ୍ଦଲାଲ ନାଗ, ହିତେଶ ବେହେରା, ସୁବାସ ରଣା, ତୁଳେଶ୍ୱର ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

# ମାଁ ସାହାଜୀ ଯୁବକ ସଂଘ ପକ୍ଷରୁ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ବଙ୍ଗୋମୁଣ୍ଡା, (ସ୍ୱପ୍ର) : ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମରେ ଥିବ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଁ ସାହାଜୀ ଯୁବକ ସଂଘ ପକ୍ଷରୁ କପିଲାଭଟା ଠାରେ ଭାରତର ୨୦ ଜଣ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଭାରତମାତାଙ୍କ ଜୟଗାନ ସହ ସହିଦ ଜବାନ୍ ଅମର୍ ରହେ ସ୍ଲୋଗାନ୍ ଦିଆ ଯାଇଥିଲା । ପ୍ରଥମେ କପିଲାଭଟା ବରଗଛ ଛକ୍‌ଠାରେ ଏକତ୍ରୀତ ହୋଇ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଦୀପ ଜାଳି ଗାଁରେ ଥିବା ବରଗଛ ଛକ୍, ଦୁଆର୍‌ସେନୀ ପଡା, ଗହଟିଆ ପଡା, ତାଲଭଟା, ବସ୍ତିପଡା, ହରିଜନପଡାକୁ ପରିକ୍ରମା କରିଥିଲେ ।

କାର୍ଯ୍ୟକ୍ରମରେ ମାଁ ସାହାଜୀ ଯୁବକ ସଂଘର ସଭାପତି ଜିତାମିତ୍ର ବିଶିଙ୍କ ନେତୃତ୍ୱରେ ସଂଯୋଜକ ପୃଥିରାଜ ବାଗ, ସମ୍ପାଦକ ହୁଲେଶ୍ୱର ହଂସ, ସହ ସଂପାଦକ ସୁନିଲ କୁମାର ବିଶି, ଉପସଭାପତି ଉମେଶ ବାଗ, ଲାଇବେରିଆନ ଖଣପତି ହଂସ, ଚନ୍ଦ୍ର ଶେଖର ବିଶି, ଦେବାଶିଷ ବିଶି, ବିକାଶ ଜାଲ, ରୋଶନ ବିଶି, ଶୋହନ ଛତ୍ରିଆ, ଅନନ୍ତ ହଂସ, ଚାନ୍ଦ ଛତ୍ରିଆ, ଭୋଲା ଜାଲ, ସୁମିତ ଜାଲଙ୍କ ସମେତ ବହୁ ସଦସ୍ୟ ମାନେ ସାମିଲ ହୋଇଥିଲେ ।

# ବିଶ୍ୱ ସଂଗୀତ ଦିବସ ପାଳିତ

ବରଗଡ଼, (ସ୍ୱପ୍ର) : ସଂପୃକ୍ତ ଜିଲ୍ଲା ଗାଇସିଲେଟ ବ୍ଲକ୍ ଅନ୍ତର୍ଗତ ଶରଧାପାଲି ଗ୍ରାମର ମହାଜନ ଡୁଙ୍ଗୁରିଠାରେ ସରଗମଲି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ସଂଗୀତ ଦିବସ ପାଳିତ ହୋଇଯାଇଛି । କୁବେର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଶ୍ୱ ସଂଗୀତ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଲଳିତ ଜଗତ ଯୋଗଦାନ କରିଥିଲେ । ଏହି ଅବସରରେ ଦଣ୍ଡ ଢ଼ୋଲ, ବଜା ଢ଼ୋଲ, ନିଶାନ, ମୃଦୁଙ୍ଗ, ତାସା, ମୁହୁରୀ, ମର୍ଦ୍ଦଳ, ବଂଶୀ, ଗିନି, ଘୁଡ଼କା, ଠିକିଡ଼ି, ବ୍ରହ୍ମବୀଣା, ଖଂଜଣି, ସାଂରଗୀ, ଝାଂଜ ଆଦି ପୁରାତନ ବାଦ୍ୟଯନ୍ତ୍ର ସାହାଯ୍ୟରେ କରୋନା କଟକଣାକୁ ମାନି ସଂଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର କଣ୍ଠଶିଳ୍ପୀ ଦଶରଥ ବାଗ, ବାଦ୍ୟଯନ୍ତ୍ରରେ କୈଳାସ ଚନ୍ଦ୍ର ନାଗ, ଦୁର୍ଗେଶ୍ୱର ବାଗ, ଫଗନୁ ମହଲା, ବିଜୟ ଭୋଇ, ଶଙ୍କର କୁମ୍ଭାର, ସୁଧା ପ୍ରଧାନ, ଭୀମ ବାରିକ, ରାକେଶ ଚନ୍ଦ୍ର ପଣ୍ଡା, ନାରାୟଣ ଗୁରୁ, ଅନୀଲ ତରିଆ, ଭଗବାନ ସାହୁ ବଳ ବାଗ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତା ପ୍ରଦାନ କରିଥିଲେ ।

# ଲାଂଚ ନେବା ବେଳେ ଧରାପଡ଼ିଲେ ଏନ୍ଏସି ଜେଇ

ପାଟଣାଗଡ଼, (ସ୍ୱପ୍ର) : ଲାଂଚ ନେବା ବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ଏନ୍ଏସି ଜେଇ । ଭିଜିଲାନ୍ସ ଜାଲରେ ତୁହାକୁ ତୁହା ସରକାରୀ ଅଧିକାରୀମାନେ ପଡୁଥିବା ସତ୍ତ୍ୱେ ଲାଂଚୁଆ ସରକାରୀ ଅଧିକାରୀମାନେ ସୁଧୁରୁ ନଥିବା ଚିନ୍ତାର ବିଷୟ ହୋଇପଡ଼ିଛି ।

ସୂଚନାଯୋଗ୍ୟ ଯେ, ପାଟଣାଗଡ଼ ଏନ୍ଏସି ଜେଇ ଦେବୀପ୍ରସାଦ ମିଶ୍ର ପାଟଣାଗଡ଼ ଏନ୍ଏସି ଅଧୀନସ୍ଥ ରାମପୁରର ଟଙ୍କଧର କୁମ୍ଭାରଙ୍କଠାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଲ୍ କରାଇଦେବାକୁ ୩ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ହଟହଟା ହୋଇଛନ୍ତି । ରାମପୁର ନିବାସୀ ଟଙ୍କଧର କୁମ୍ଭାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ମିଳିଥିବା ବେଳେ କାର୍ଯ୍ୟାଦେଶ ପାଇବା ପରେ ସେ ଘର ତିଆରି କରିଥିଲେ । ଶେଷ କିସ୍ତିର ବିଲ୍ କରିବା ବେଳେ ଟଙ୍କଧରଙ୍କୁ ଏନ୍ଏସିର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦାୟିତ୍ୱରେ ଥିବା ଜେଇ ଶ୍ରୀ ମିଶ୍ର ୩ ହଜାର ଟଙ୍କା ଲାଂଚ ମାଗିଥିଲେ । ଏ ସଂପର୍କରେ ଟଙ୍କଧର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ତେବେ ଅଭିଯୋଗକୁ ଭିତ୍ତି କରି ବଲାଙ୍ଗିର ଭିଜିଲାନ୍ସ ଡିଏସ୍‌ପି. କାଦମ୍ବିନୀ ସାମିଲଙ୍କ ନେତୃତ୍ୱରେ ଏକ ଟିମ୍ ଲାଂଚ ଗ୍ରହଣ କରୁଥିବା ବେଳେ ଶ୍ରୀ ମିଶ୍ରଙ୍କୁ କାବୁ କରି ନେଇଥିଲେ । ଶ୍ରୀ ମିଶ୍ରଙ୍କୁ ଗିରଫ୍ କରାଯିବା ପରେ ବଲାଙ୍ଗିର ଜେଲ୍‌କୁ ପଠାଇ ଦିଆଯାଇଥିଲା ।

ଗରିବ ଲୋକଙ୍କୁ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ମଧ୍ୟ ଗରିବଙ୍କ ଟଙ୍କା ଆତ୍ମସାତ୍ କରୁଥିବା ଲାଂଚଖୋର୍ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଉଚିତ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ତେବେ ନିକଟରେ ୧ ଲକ୍ଷ ୬୬ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ପାଟଣାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ପ୍ରଣବ ମହାନ୍ତି ଓ ଡ଼େପୁଟି ରୋଂଜର ଚିତ୍ତରଂଜନ ଦେହୁରୀ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ୍ ହୋଇଥିଲେ । ସେ ଘଟଣାର ଚର୍ଚ୍ଚା ନସରିବା ଆଗରୁ ପୁଣି ଏକ ଭିଜିଲାନ୍ସ ଚଢ଼ଉ ଅଂଚଳକୁ ସରଗରମ କରି ରଖିଛି ।


ଜଗତ ସ୍ରଷ୍ଟା ଜଗନ୍ନାଥ
ଜଗତର କଲ୍ୟାଣ
କରନ୍ତୁ । ପବିତ୍ର
ଘୋଷଯାତ୍ରା ଅବସରରେ
ସମସ୍ତଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା ।

ପ୍ରଭାକର ମିଶ୍ର
ସାଧାରଣ ସଂପାଦକ
ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ, ବଲାଙ୍ଗିର



## ପୁରୀର ପବିତ୍ର ରଥଯାତ୍ରା ଅବସରରେ ଜନସାଧାରଣଙ୍କୁ ଉପ ରାଷ୍ଟ୍ରପତିଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ, (ପିଆଇବି) : ପୁରୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଉପ ରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏହି ଅବସରରେ ଏକ ବାର୍ତ୍ତାରେ ଉପ ରାଷ୍ଟ୍ରପତି କହିଛନ୍ତି ଯେ, ପବିତ୍ର ରଥଯାତ୍ରାରେ ଅବସରରେ ଦେଶବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଲୋକମାନେ ବେଶ୍ ଭକ୍ତିର ସହ ମାନିଥାନ୍ତି ଏବଂ ଓଡ଼ିଶାର ଏହି ଉତ୍ସବକୁ ସଭିଏଁ ଉତ୍କଣ୍ଠାର ସହ ପ୍ରତୀକ୍ଷା କରିଥାନ୍ତି । ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାମ୍ବତ୍ସରିକ ଯାତ୍ରା; ଯିଏକି ଭଗବାନ ବିଷ୍ଣୁଙ୍କ ଅବତାର ବୋଲି ଲୋକମାନେ ବିଶ୍ୱାସ କରନ୍ତି ।

ଏହି ରଥଯାତ୍ରାର ଭବ୍ୟ ଓ ବିରାଟ ଆୟୋଜନ ତଥା ରଥମାନଙ୍କ ଅପରୂପ ଶୋଭା ବାସ୍ତବିକ ଅତୁଳନୀୟ । ରଥଯାତ୍ରା ସହିତ ଜଡ଼ିତ ସକଳ ପ୍ରକାର ପବିତ୍ର ତଥା ଆଦର୍ଶ ଭାବନା ଆମକୁ ଉଦ୍‌ବୁଦ୍ଧ କରୁ ଏବଂ ଆମମାନଙ୍କର ଜୀବନରେ ଶାନ୍ତି, ସଦ୍‌ଭାବନା ଭରି ଦେଉ ବୋଲି ଉପ ରାଷ୍ଟ୍ରପତି କହିଛନ୍ତି ।

## ପୁରୀର ରଥଯାତ୍ରା ପାଇଁ ସୁପ୍ରିମ କୋର୍ଟଙ୍କ ଅନୁମତି ପ୍ରଦାନକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସ୍ୱାଗତ

* ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଭକ୍ତମାନଙ୍କ ଭାବାବେଗକୁ ବୁଝିନାହାନ୍ତି, ଅପରନ୍ତୁ ଦେଶର ଏହି ମହାନ ପରମ୍ପରାକୁ ପାଳନ କରିବା ସକାଶେ ଯେଉଁମାନଙ୍କ ସହ ପରାମର୍ଶ ଆବଶ୍ୟକ ତାହା ମଧ୍ୟ କରିଛନ୍ତି : ଅମିତ ଶାହ
* ପୁରୀ ଗଜପତି ମହାରାଜ, ସମ୍ମାନସ୍ପଦ ପୁରୀ ଶଙ୍କରାଚାର୍ଯ୍ୟ ଏବଂ ସଲିସିଟର ଜେନେରାଲଙ୍କ ସହ ଶ୍ରୀ ଶାହଙ୍କ ବ୍ୟାପକ ଆଲୋଚନା
* ଘଟଣାର ଗୁରୁତ୍ୱକୁ ବିଚାର କରି ମାମଲାକୁ ଭ୍ୟାକେସନ ବିଚାରପତିଙ୍କ ବେଂଚରେ ଉପସ୍ଥାପନ ଫଳରେ ସୁପ୍ରିମ କୋର୍ଟ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ପାରିଛନ୍ତି : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ
* ଓଡ଼ିଶାର ଜନସାଧାରଣଙ୍କୁ ଅଭିନନ୍ଦନ । ଜୟ ଜଗନ୍ନାଥ : ଶ୍ରୀ ଶାହ



ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମାନ୍ୟବର ସୁପ୍ରିମ କୋର୍ଟ ପୁରୀ ରଥଯାତ୍ରା ସଂପର୍କରେ ଦେଇଥିବା ରାୟକୁ ସ୍ୱାଗତ କରିଛି । ନିଜର ପ୍ରତିକ୍ରିୟାରେ ଶ୍ରୀ ଶାହ ଟ୍ୱିଟ୍ ଜରିଆରେ କହିଛନ୍ତି, ଆଜି ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ, ବିଶେଷ କରି ଓଡ଼ିଆ ଭଉଣୀ ଓ ଭାଇମାନଙ୍କ ପାଇଁ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଜୀଙ୍କ ଭକ୍ତଗଣଙ୍କ ସକାଶେ ଏହା ଅତି ମହତ୍ୱପୂର୍ଣ୍ଣ ଦିବସ । ସମଗ୍ର ଦେଶ ମାନ୍ୟବର ସୁପ୍ରିମ କୋର୍ଟ ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ଦେଇଥିବା ନିଷ୍ପତ୍ତିରେ ଉଲ୍ଲସିତ ।

ଶ୍ରୀ ଶାହ କହିଛନ୍ତି, ଏହା ମୋତେ ତଥା ଭାରତର କୋଟି କୋଟି ଭକ୍ତଙ୍କୁ ଖୁସି କରିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଭକ୍ତମାନଙ୍କ ଭାବାବେଗକୁ ହୃଦୟଙ୍ଗମ କରି ନାହାନ୍ତି, ଅପରନ୍ତୁ ଏହି ମହାନ୍ ପରମ୍ପରା ସହ ଜଡ଼ିତ ଆମର ଦେଶରେ କିଭଳି ଭାବେ ରଥଯାତ୍ରା ସଂପାଦିତ ହେବ ସେ ସଂପର୍କରେ ମଧ୍ୟ ଆଲୋଚନାକୁ ସୁନିଶ୍ଚିତ କରିଥିଲେ ।

ସେ ଆହୁରି କହିଛନ୍ତି ଯେ, ସଂପୃକ୍ତ ଅଧିକାରୀମାନଙ୍କ ସହ ଏହି ସଂକଟର ସମାଧାନ ସକାଶେ ତୁରନ୍ତ ଆଲୋଚନା କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଁ ପୁରୀର ଗଜପତି ମହାରାଜଜୀ (ପୁରୀର ଠାକୁର ରାଜା) ଓ ପୁରୀ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟଜୀଙ୍କ ସହ ଆଲୋଚନା କରିଥିଲି ଓ ରଥଯାତ୍ରା ସଂପର୍କରେ ସେମାନଙ୍କ ମତାମତ ଲୋଡ଼ିଥିଲି । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ ସଲିସିଟର୍ ଜେନେରାଲ୍‌ଙ୍କ ସହ ମଧ୍ୟ ଏ ସଂପର୍କରେ କଥାବର୍ତ୍ତା କରିଥିଲି । ଏହି ପ୍ରସଙ୍ଗର ଗୁରୁତ୍ୱ ତଥା ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ଏହାକୁ ସୁପ୍ରିମ କୋର୍ଟଙ୍କ ଭ୍ୟାକେସନ୍ ଜଜ୍‌ଙ୍କ ଖଣ୍ଡପୀଠ ନିକଟରେ ଉପସ୍ଥାପନ କରାଯାଇଥିଲା ଏବଂ ୨୨ ତାରିଖ ଅପରାହ୍ନରେ ହିଁ ଶୁଣାଣି ହୋଇଥିଲା; ଯାହା ଫଳରେ ସୁପ୍ରିମ କୋର୍ଟ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବା ସକାଶେ ପଥ ପରିଷ୍କାର ହୋଇ ପାରିଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

ଓଡ଼ିଶାର ଜନସାଧାରଣଙ୍କୁ ଅଭିନନ୍ଦନ । ଜୟ ଜଗନ୍ନାଥ ବୋଲି କହିଛନ୍ତି ଶ୍ରୀ ଶାହ ।

## କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭ୍ଡେକରଙ୍କ ଦ୍ୱାରା କାନ୍ ଫିଲ୍ମ ମାର୍କେଟ ୨୦୨୦ରେ ଭର୍ଚୁଆଲ ଇଣ୍ଡିଆ ପାଭିଲିଅନ୍ ଉଦ୍‌ଘାଟିତ



ନୂଆଦିଲ୍ଲୀ, (ପିଆଇବି) : ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭ୍ଡେକର ଭର୍ଚୁଆଲ ଇଣ୍ଡିଆ ପାଭିଲିଅନକୁ ଉଦ୍‌ଘାଟନ କରିଛନ୍ତି । କାନ୍ ଫିଲ୍ମ ମାର୍କେଟ ୨୦୨୦ରେ ଉଦ୍‌ଘାଟିତ ଏହି ପାଭିଲିଅନ୍‌ରେ ଭାଷା, ସଂସ୍କୃତି, ଆଂଚଳିକ ଭିତ୍ତିରେ ନିର୍ମିତ ହୋଇଥିବା ବିଭିନ୍ନ ଭାରତୀୟ ସିନେମା ସ୍ଥାନ ପାଇବ । ବିଦେଶରେ ଏହାର ବଜାର ସୃଷ୍ଟି ଏବଂ ଏଥିପାଇଁ ଆବଣ୍ଟନ, ଉତ୍ପାଦନ ଭାରତରେ ଚଳଚ୍ଚିତ୍ର ନିର୍ମାଣ, କାହାଣୀର ବିକାଶ, ନୂଆ ଟେକ୍ନୋଲୋଜିର ପ୍ରୟୋଗ, ଚଳଚ୍ଚିତ୍ରର ପ୍ରୋତ୍ସାହନ, ବିକ୍ରିବଟା ଆଦି ପାଇଁ ଆନ୍ତର୍ଜାତିକ ସ୍ତରର ଅଂଶୀଦାର ଯୋଗାଡ଼ କରିବା ଏହାର ଲକ୍ଷ୍ୟ ।

ବିଶ୍ୱର ଚଳଚ୍ଚିତ୍ର ପ୍ରେମୀ ଓ ଚିତ୍ର ଦୁନିଆର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଜାଭ୍ଡେକର କହିଛନ୍ତି ଯେ, ଏବେ ଭର୍ଚୁଆଲ ଉଦ୍‌ଘାଟନ ନୂଆ ସ୍ୱାଭାବିକତା ହୋଇଛି । ସେହିଭଳି ଭର୍ଚୁଆଲ ସ୍ଥାନ ବାସ୍ତବ ଅଂଶୀଦାରଙ୍କ ପାଇଁ ନୂତନ ଜାଗା ପାଲଟିଛି । ଚଳଚ୍ଚିତ୍ର ଭାରତର କୋମଳ ଶକ୍ତି । ଏଥିପାଇଁ ଚଳଚ୍ଚିତ୍ର ଫାସିଲିଟେସନ ଅଫିସ ଏବେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ କାର୍ଯ୍ୟ କରିବ । ଏହି ଅବସରରେ ସେ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉଦ୍ୟୋଗୀଙ୍କୁ ଭାରତକୁ ଆସି ବିଶ୍ୱ ବଜାର ପାଇଁ ଚିତ୍ର ଉତ୍ତୋଳନ, ନିର୍ମାଣ ତଥା ବିକ୍ରିବଟା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । କାନ୍‌କୁ ଭାରତ ଯେଉଁ ଦୁଇଟି ଚଳଚ୍ଚିତ୍ର ପଠାଇଛି ତାହା ସମଗ୍ର ବିଶ୍ୱରେ ପ୍ରଶଂସିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

କାନ୍ ଇଣ୍ଡିଆ ପାଭିଲିଅନ ଏକ ସୂଚନା ପ୍ରସାରଣ କେନ୍ଦ୍ର ଭାବେ କାର୍ଯ୍ୟ କରିବା ସହ ଭାରତ ଓ ଭାରତୀୟ ସିନେମା ସଂପର୍କରେ ବିଶ୍ୱ ସିନେମା ଜଗତକୁ ବାର୍ତ୍ତା ଦେବ । ଏହି ପାଭିଲିଅନ୍ ମଧ୍ୟ ବ୍ୟବସାୟିକ ବୈଠକର ଆୟୋଜନ କରିବା ସହିତ ଚିତ୍ର ନିର୍ମାତା ଓ ଅନ୍ୟାନ୍ୟ ଗଣମାଧ୍ୟମ ତଥା ମନୋରଂଜନ ଉଦ୍ୟୋଗର ସଂପୃକ୍ତ ପକ୍ଷଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବ । ପ୍ରଥମ ଥର ପାଇଁ ଇଣ୍ଡିଆ ପାଭିଲିଅନ୍ ମଧ୍ୟ ଦୁଇଟି ଚଳଚ୍ଚିତ୍ରର ପ୍ରଦର୍ଶନର ବ୍ୟବସ୍ଥା କରିବ । ଏହି ଚିତ୍ର ଦୁଇଟି ହେଲା ମରାଠି ଭାଷାର ମାଇଘାଟ : କ୍ରାଇମ ନଂ ୧୦୩/୨୦୦ ଏବଂ ଗୁଜରାଟି ଭାଷାର ହେଲାରୋ । ଉଭୟ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି । ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ସତ୍ୟଜିତ ରାୟଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଭାର୍ଚୁଆଲ ଇଣ୍ଡିଆ ପାଭିଲିଅନ ତାଙ୍କ ଦ୍ୱାରା ନିର୍ମିତ କେତେକ ଚର୍ଚ୍ଚିତ ଚଳଚ୍ଚିର୍ତ ପ୍ରଦର୍ଶନ କରୁଛି । ସେଗୁଡ଼ିକ ମଧ୍ୟରେ ଗଣଶତ୍ରୁ, ଘରେବାଇରେ, ଆଗନ୍ତୁକ ଆଦି ପାଭିଲିଅନ ୱେବସାଇଟ୍‌ରେ ପ୍ରଦର୍ଶିତ ହେଉଛି ।

ଏହି ଅବସରରେ ମନ୍ତ୍ରୀ ମଧ୍ୟ ୨୦୨୦ ଆନ୍ତର୍ଜାତିକ ଭାରତୀୟ ଫିଲ୍ମ ଫେଷ୍ଟିଭାଲର ବୁକ୍‌ଲେଟ୍ ଓ ପୋଷ୍ଟର୍‌କୁ ଉନ୍ମୋଚନ କରିଥିଲେ । ଏହି ଚଳଚ୍ଚିତ୍ର ଉତ୍ସବ ନଭେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମିଡ଼ିଆ ଓ ମନୋରାଂଜନ ଉଦ୍ୟୋଗର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ ଭର୍ଚୁଆଲ ଇଣ୍ଡିଆ ପାଭିଲିଅନ୍‌ରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଅମିତ ଖରେ, ଅତିରିକ୍ତ ସଚିବ ଶ୍ରୀ ଅତୁଲ କୁମାର ତିୱାରୀ, ଚଳଚ୍ଚିତ୍ର ବିଭାଗର ଯୁଗ୍ମ ସଚିବ ସୁଶ୍ରୀ ଟିସିଏ କଲ୍ୟାଣୀ, ଏନ୍‌ଏଫ୍‌ଡିର ପରିଚାଳନା ନିର୍ଦ୍ଦେଶକ ସୁଶ୍ରୀ ଶ୍ରୀଲା ଦତ୍ତ କୁମାର, ଫ୍ରାନ୍ସରେ ଥିବା ଭାରତୀୟ କନ୍‌ସୁଲାର ଅଫିସର ମିନିଷ୍ଟର ଶ୍ରୀ ପ୍ରସୁନ ଜୋଷୀ, ସିବିଏଫ୍‌ସିର ଅଧ୍ୟକ୍ଷ ଶ୍ରୀ ମଧୁର ଭଣ୍ଡାରକର, ଜାତୀୟ ସ୍ତରର ପୁରସ୍କୃତ ନିର୍ଦ୍ଦେଶକ ଶ୍ରୀ ସୁରେଶ ବାବୁ, ଜାତୀୟ ପ୍ରତିନିଧି ତଥା ତେଲୁଗୁ ଚିତ୍ର ନିର୍ମାତା କଲିନ୍ ବରୋଜ, ଚିତ୍ରତାରକା କଙ୍ଗନା ରାଣାୱତ ତଥା ମାଇଘାଟର ଅଭିନେତ୍ରୀ ଉଷା ଯାଧବ ପ୍ରମୁଖ ଅନ୍ୟତମ ।

## ଇପିଏଫ୍‌ଓରେ ଗତ ଦୁଇ ଆର୍ଥିକ ବର୍ଷରେ ୧.୩୯ କୋଟି ସଦସ୍ୟ ସାମିଲ୍ ହୋଇଛନ୍ତି

ନୂଆଦିଲ୍ଲୀ, (ପିଆଇବି) : କର୍ମଚାରୀ ଭବିଷ୍ୟ ନିଧି ସଂଗଠନ ଇପିଏଫ୍‌ଓ ପକ୍ଷରୁ ନିକଟରେ ଏହାର ସଦସ୍ୟମାନଙ୍କର ନିଯୁକ୍ତି ଓ ଦରମା ସଂକ୍ରାନ୍ତ ତଥ୍ୟାବଳୀ ବା ପେ-ରୋଲ ଡାଟା ପ୍ରକାଶ ପାଇଛି । ଏହା ଅସ୍ଥାୟୀ (ପ୍ରଭିଜନାଲ) ହୋଇଥିଲେ ମଧ୍ୟ ଏଥିରୁ ମିଳିଥିବା ସୂଚନା ଅନୁସାରେ ୨୦୧୭ ସେପ୍ଟେମ୍ବର ପରଠାରୁ ଏହି ସଂଗଠନରେ ଅଧିକରୁ ଅଧିକ ସଦସ୍ୟ ଯୋଗ ଦେଉଥିବା ଜଣାପଡ଼ିଛି । ଏହି ତଥ୍ୟାବଳୀ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷର ହିସାବକୁ ନେଇ ପ୍ରସ୍ତୁତ କରାଯାଇଛି । ୨୦୧୮-୧୯ରେ ଏହି ସଂଗଠନର ସଦସ୍ୟ ସଂଖ୍ୟାରେ ନିଟ ଯୋଗଦାନ ୬୧.୧୨ ଲକ୍ଷ ହୋଇଥିବା ବେଳେ ୨୦୨୦ରେ ଏହା ୨୮ ଶତାଂଶ ବଢ଼ି ୭୮.୫୮ ଲକ୍ଷରେ ପହଂଚିଛି । ଯେଉଁମାନେ ନୂଆ କରି ସଂଗଠନରେ ଯୋଗ ଦେଇଛନ୍ତି ଭବିଷ୍ୟନିଧି ପାଣ୍ଠିକୁ ସେମାନଙ୍କର ଅଂଶ ଆସୁଛି ଓ କେବଳ ସେହିମାନଙ୍କ ହିସାବ ସ୍ଥାନ ପାଇଛି । ତଥ୍ୟ ଅନୁସାରେ ଏହି ସମୟ ମଧ୍ୟରେ ଇପିଏଫ୍‌ଓରେ ଅଧିକ ସଂଖ୍ୟାରେ କର୍ମଚାରୀ ଯୋଗ ଦେଉଥିବା ବେଳେ ସଂଗଠନ ଛାଡୁଥିବା କର୍ମଚାରୀଙ୍କ ସଂଖ୍ୟା କମ । ୨୦୧୯-୨୦ ବର୍ଷ ପାଇଁ ୮.୫ ଶତାଂଶ ଟିକସମୁକ୍ତ ସୁଧ ବ୍ୟବସ୍ଥା ଯୋଗୁଁ ଅଧିକ ସଦସ୍ୟ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି । ଦେଶରେ ଏବେ ଯେତେ ସବୁ ସମାଜିକ ନିରାପତ୍ତା ପାଣ୍ଠି ଓ ଜମା ବ୍ୟବସ୍ଥା ରହିଛି ସେଥିମଧ୍ୟରୁ ଇପିଏଫ୍‌ଓ ସର୍ବାଧିକ ସୁଧ ଏହାର ଜମାକାରୀଙ୍କୁ ପ୍ରଦାନ କରୁଛି । ଫଳରେ ଏହି ସଂସ୍ଥା ଛାଡ଼ିବାକୁ କର୍ମଚାରୀଙ୍କ ମଧ୍ୟରେ ବିଶେଷ ଆଗ୍ରହ ନାହିଁ । ୨୦୧୯-୨୦ ଆର୍ଥିକ ବର୍ଷରେ ପୂର୍ବବର୍ଷ ତୁଳନାରେ ମାତ୍ର ୧୦ ଶତାଂଶ କର୍ମଚାରୀ ଇପିଏଫ୍‌ଓ ସଦସ୍ୟତା ଛାଡ଼ିଥିଲେ ।

ଅଧିକାଂଶ ସଂସ୍ଥା ଛାଡ଼ିଥିବା ସଦସ୍ୟମାନଙ୍କ ପୁନଃ ଯୋଗଦାନ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ୨୦୧୮-୧୯ରେ ଯେତେ ସଂଖ୍ୟକ କର୍ମଚାରୀ ଇପିଏଫ୍‌ଓ ଛାଡ଼ିଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୫ ଶତାଂଶ ଏଥିରେ ପୁନର୍ବାର ଯୋଗ ଦେଇଛନ୍ତି । ୨୦୧୮-୧୯ରେ ଏମାନଙ୍କ ସଂଖ୍ୟା ୪୩.୭୮ ଲକ୍ଷ ଥିବା ବେଳେ ୨୦୧୯-୨୦ରେ ୭୮.୧୫ ଲକ୍ଷରେ ପହଂଚିଛି । ଇପିଏଫ୍‌ଓରେ ପ୍ରଚଳିତ ଅଟୋ ଟ୍ରାନ୍ସଫର୍ ବ୍ୟବସ୍ଥା ସଂପୂର୍ଣ୍ଣ ଜଂଜାଳ ମୁକ୍ତ । ଏହା ମାଧ୍ୟମରେ ଚାକିରି ପରିବର୍ତ୍ତନରେ ପ୍ରୋଭିଡେଣ୍ଟ ଫଣ୍ଡ ବାଲାନ୍ସ ପୁରୁଣା ଆକାଉଣ୍ଟରୁ ନୂଆ ଆକାଉଣ୍ଟକୁ ଆପଣାଛାଏଁ ପରିବର୍ତ୍ତିତ ହୋଇଥାଏ । ଫଳରେ ଚାକିରି ପରିବର୍ତ୍ତନରେ କର୍ମଚାରୀଙ୍କ ସଦସ୍ୟତା ବଜାୟ ରହୁଛି ।






ପବିତ୍ର ରଥଯାତ୍ରା ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଭବାନୀ ଶଙ୍କର ମିଶ୍ର
ସଭାପତି : ପ୍ରାଥମିକ ଶିକ୍ଷକ ସଂଘ, ପୁଇଁନ୍ତଲା ବ୍ଲକ୍, ବଲାଙ୍ଗିର

ଜଗନ୍ନାଥ ସମସ୍ତଙ୍କର କଲ୍ୟାଣ କରନ୍ତୁ ।





ରଂଜନ କୁମାର ପାଣିଗ୍ରାହୀ
ଅଧ୍ୟାପକ, ଜରାସିଂହା ମହାବିଦ୍ୟାଳୟ,
ଜରାସିଂହା, ବଲାଙ୍ଗିର



## ହେ ଜଗନ୍ନାଥ

**ଲକ୍ଷ୍ମୀକାନ୍ତ ସାହୁ**



ତୁମେ ତ’ ସବୁ ଜାଣିଛ
କ’ଣ ବା ତୁମକୁ ଜଣେଇବି
ତୁମେ ତ’ ସବୁ ଦେଇଛ
କ’ଣ ତୁମକୁ ମାଗିବି....

ତୁମେ ତ’ କୃପା କରିଛ
କ’ଣ ଧାର ଦେବି
ତୁମେ ତ’ ଚାଲିବା ଶିଖେଇଛ
କେମିତି ଝୁଂଟି ପଡ଼ିବି....

ତୁମେ ତ’ ସାଉଁଟି ନେଇଛ
ମୁଁ ସମର୍ପି ଦେଇଛି
ତୁମେ ମୋକ୍ଷ ଦିଅ ପ୍ରଭୁ
ଏ ଆତ୍ମା ବିଲୀନ ଚାହୁଁଛି...

ତୁମେ ଭକ୍ତକୁ ବୁଝିଛ
ବୋଲି ତ’ ଏଯାଏ ବଂଚିଛି
ତୁମ ସେବା କରୁଥିବି ପ୍ରଭୁ
ଏତିକି ସୁଯୋଗ ମାଗୁଛି ।।

ତୁଡୁକାମୁଣ୍ଡା, ନଅଗାଁ (ଏ)
ବଲାଙ୍ଗିର - ୭୬୭୦୦୨



## କୋଟି କୋଟି ଦଣ୍ଡବତ

**ନେପାଳ ଚନ୍ଦ୍ର ବାଗ**



ବିନା ଭକତରେ ତୋ’ ବଡ଼ଦାଣ୍ଡରେ
ଗଡ଼ିଲା ତୋହରି ରଥ
କା’ ଆଗେ ବୋଲାଉ ମିଛ ତୁ କାଳିଆ
କା’ ଆଗେ ବୋଲାଉ ସତ ।
ଜଗନ୍ନାଥ....ଜଗନ୍ନାଥ ....
ତୋତେ କୋଟି କୋଟି ଦଣ୍ଡବତ ।।

ଲୀଳାମୟ ପ୍ରଭୁ ଦେଖୁଅଛ ସବୁ
ଭକତ ମନର ଦୁଃଖ
ବରଷକେ ଦିନେ ତୋହରି ଦର୍ଶନେ
ଲଭିଥାଏ କେତେ ସୁଖ ।
କେଉଁ ଅପରାଧେ କେଉଁ ଅପବାଦେ
ମନା ମୋତେ ତୋର ଯାତ ? ?

ଯାହାକୁ ଯେମିତି ତା’ ମନ ଜାଣିକି
ଯାଚିଦେଉ ମିଠା ଫଳ
ସାରା ଜଗତରେ ହୁରି ପଡୁଥାଏ
ଭକତ ଭାବେ ତୁ’ ଭୋଳ ।
ମୋ’ ଆଖି ଲୁହରେ ଗଡ଼େଇ ନେ’ରେ
ନନ୍ଦିଘୋଷକୁ ଏଥର ।।

ବଡ଼ଦାଣ୍ଡ ଆଜି ଖାଲି ଖାଲି ଲାଗେ
ଭକତ ବିନା ଠାକୁର
ତୁହି ଇଚ୍ଛାମୟ ଇଚ୍ଛା ଅଧୀଶ୍ୱର
ଯାହା ଇଚ୍ଛା ତାହା କର ।
ତୋ’ ଇଚ୍ଛାକୁ ମୋର ଶତ ପ୍ରଣିପାତ
ଭକତି ଘେନ ମୋହର ।।

ବ୍ଲକ୍ ଶିକ୍ଷା ଅଧିକାରୀ, ପୁଇଁନ୍ତଲା
ବଲାଙ୍ଗିର

## ପରମ ପ୍ରିୟତମ

**ପିନାକୀ ମିଶ୍ର**



ଏଥର ବଡ଼ଦାଣ୍ଡ ମନା
ତୋ’ ଗୁମର ତତେ ଜଣା ।

ଫିଟିବନି କଂସା କବାଟ
ଲୁହ ବର୍ଷାରେ ରଥ ପଥ ଅନାଥ ।

ଆଡ଼ମୁହାଁ ପତିତପାବନ
ମନପାରାକୁ ଦେଉଳ ବାରଣ ।

ନିଜେ କି ଫେଡ଼ିଲୁ ନବଦିନ ଯାତ
ନିଦା ପଥରକୁ ଆସିଲା କି ନିଦ !!

ତୁ ମଉନ ରହିଲେ ଆଶ୍ରା ତୁଟିଯିବ ଯେ’
ତୁ ନୀରବ ରହିଲେ
ଝଡ଼ ଉଡ଼େଇ ନେବ ମୋତେ
ତୋତେ ନ ଦେଖିଲେ
ପାଣି ପବନ ଘର ଆକାଶ
ସବୁ ଉଗାରୀ ଲାଗିବ ରେ ।

ରଥ ଗଡ଼ିବନି
ପଥ ପଡ଼ିଥିବ ଅଲୋଡ଼ା
କା’ ଲାଗି ହେବ ପୋଡ଼ପିଠା ?
ସାଆନ୍ତାଣୀ ଯିବେନି ତ ଖୋଜି
ମୁଁ ଦରଜ ସନ୍ଧିରେ ନିଜ ଭିତରେ
ଯାଉଥିବି ହଜି ।

ବୁଲିବନି ଠାକୁର ରଜାର ସୁନାଖଡ଼ିକା
ମେରୁ ଅଂଟାରେ ପାଟ ଭିଡ଼ିବନି ସେବକ
ଧୂଳି ଦେଖିବନି ଠିଆ ନାଚ ହାତଟେକା
ଅଂଟା ଝୁଲିବନି ଘଂଟୁଆର
ପିୟାସୀ ନାଇବନି ପାଦରେ ଘୁଂଗୁର
ପରମ ପ୍ରିୟତମ ଲାଗି ପଡ଼ିବନି ହୁରି
ଦୁଆରୁ ଦିଶିବନି
ହାତୀଝୁଲା ନାଗର ଟାହିଆ
ଠେଲା ଖାଇବନି କୁତୁହଳେ ତୁଳସୀମାଳିଆ ।

ଶୂନ୍ୟରୁ ଓହ୍ଲେଇବେନି ସକଳ ଦେବତା
ବେଳାର ବାଲିରେ ବାଉଳା ନାଚିବନି
ପାଦ କଚାଡୁଥିବ ଉର୍ମି ଅଧୀରା
ପବନରେ ଓଁକାର ଜୟକାର ଖେଳିବନି...

କି କଲୁରେ ତୁ ଅଭାଗା କପାଳେ !!

ପଥର ଛେକିଦେଲୁ
ଲୁହର ଦୁଇଧାର ମଝିରେ ।

ତୁ କାରୁଣିକ
ଯେତେ କ୍ଷମା ଦେଲୁ ସରିଲାନି ପାପ
ତୁ ନିୟତିର ନିଷ୍ପତ୍ତି
ତୋ ଲାଗି ଧୂଳି ହୁଏ କପାଳ ବିଭୂତି
ତୁ ସକଳ ଜ୍ୟୋତିର ଏନ୍ତୁଡ଼ି
ଉନ୍ମାଦ ଫୁଲକଢ଼ ଦେଉଛି ବିଦାରି
ତୁ ଅପଲକ ଯୋଗିନୀ ଅନ୍ଧାର
ସ୍ୱେଚ୍ଛାଚାରୀ ଭୁଲିଛି ଆଚାର
ତୁ ସକଳ ଘଟର ଆଧାର
ହସିଦେଉ ଦେଖି
ଅହଂକାରର ବାହୁବଳ, ପଶାକାଠି ଖେଳ ।

ତୁ ସାନ୍ତ୍ୱନା ତୁ ଆରାଧନା
ତୁ ଆଦିପାଦ ତୁ ଶେଷପାଦ
ତୁ ପଦ୍ମରାଗ, ତୁ ଭାବର ଦୁର୍ଲଭ ବିଭବ,
ତୁ ତ ଧାଇଁଆସୁ ବିନା ଡାକରାରେ
ବଡ଼ କିମିଆଁ ସେ ଭାବର ଜବାବ ।

କି କଲୁରେ ଦଇବ !!

ଦ୍ୱିତୀୟା ତିଥିରେ ଅଭାଗା
କବାଟବନ୍ଧରେ ମୁଣ୍ଡ ପିଟୁଥିବ
ନଇ ବାଟବଣା ହେବ
ପବନର ଠିକଣା ନଥିବ
ଇଏ ମରମଜଳା ପରାଭବ,
ତୋତେ ପତିତଜନ
ବଡ଼ଦାଣ୍ଡେ ଯେବେ ନଦେଖିବ !!

କେନ୍ଦୁଝର
ମୋ.ନଂ. ୯୪୩୮୧୧୮୩୯୭

## ସ୍ନାନ ପୂର୍ଣ୍ଣିମା

**ଅମିୟ ରଂଜନ ମହାପାତ୍ର**



ମୋର ଗୋଟିଏ ଆଖିରେ ମହୋଦଧି
ତ ଆର ଆଖିରେ ସ୍ନାନବେଦୀ.... ।

ଗୋଟେ ଆଶ୍ଚର୍ଯ୍ୟ ଐରାବତ
ଶୁଣ୍ଢରେ ଧରିଛି ସହସ୍ର କଳସ ଜଳ ।

ଏବେ ଶହେ ଆଠ ଗରାରେ
ଗାଧେଇଦେଲି ତମ ଆକାଶର ନୀଳ ।
ଗାଧେଇଦେଲି
ତମ ସେଫଦ୍ ଶୋକର ସକାଳ ଓ
ବାଘ ଉପରେ ବସିଥିବା
ଗୋଟେ ହଳଦୀବୋଳା ଅବେଳ ।

ଶୀତଳତାର ଶୂନ୍ୟବୃତ୍ତ ମଝିରେ
ଯେଉଁଠି ଖରାକୁ ବିମ୍ବିତ କରୁଛି
ଗୋଟେ ଭଙ୍ଗା ଦର୍ପଣ, ସେଠି
ଚନ୍ଦନଚର୍ଚ୍ଚିତ କଳି
ତମ ଉତ୍ତାପର ଅନ୍ତିମ ବିକିରଣ ।

ପାଣିମୟ ମୌନତା ଭିତରୁ
ଫୁଟିଆସୁଛି ଗୋଟେ ପଦ୍ମଫୁଲ ।
ପଦ୍ମମୟ ପାଖୁଡ଼ା ଭିତରେ
ଗୋଟେ କଳା ଭଅଁର
ଗୁଣୁ ଗୁଣୁ ଗାଉଛି ଗୀତ ।

ଅଥଚ, ଯୋଉ ଗୀତ ପଦକ ପାଇଁ
ମୋ ଭିତରେ ପ୍ରତିଧ୍ୱନିତ
ପୃଥିବୀଯାକର ପ୍ରାର୍ଥନା
ଓ ଯେଉଁ ଠୋପାଏ ପାଣିର ଘାଆ
ବେଢ଼ି ବସିଛି ମୋ ଦେହ ଆଉ ଅଭ୍ୟନ୍ତର
ସେଇଠି ହିଁ କାହିଁକି ତମେ ତିଆରିଥିବା
ଶବ୍ଦସବୁ ଏତେ ନୀରବତା ?

ଭିତର ଏନ୍ତୁଡ଼ିଶାଳରେ
କ୍ଷତଟିଏ କୁଆଁ କୁଆଁ ଅନବରତ ।

ଏବେ ମୁଁ ମୋ ଲୁହର
ରକ୍ତାକ୍ତ ପ୍ରେମିକ ।

କରୁଣାରେ ତୁଆରି ତମ ହାତ
ଦୟାରେ ବିଗଳିତ ତମ ହସ
ଅନ୍ତରରୁ ଅନ୍ତରୀକ୍ଷ ଯାଏଁ ପରିବ୍ୟାପ୍ତ
ତମ ଅନୁଚ୍ଚାରିତ ଅନୁଭବ
ସବୁ କ’ଣ ମିଛ ?

ରକ୍ତସ୍ରାବରେ ଚହଲି ଯାଉଛି ଛାତି
ଛାଇଢ଼ଙ୍କା ମୁହଁ ସାରା
ମେଘର ଲୁହ ।

ଏବେ ତମଠି ତମକୁ
କେମିତି ଖୋଜିବି, କୁହ.... !!

କଳାମଣ୍ଡପ ରାସ୍ତା,
ପିଠାପୁର, କଟକ-୧
ମୋ.ନଂ.୯୪୩୭୦୨୭୫୭୦



ଜଗତର ନାଥ ଜଗତର କଲ୍ୟାଣ କରନ୍ତୁ ।
ଶାନ୍ତି, ମୈତ୍ରୀରେ ପୂରିଉଠୁ ଜଗତ ।



କୃଷ୍ଣଚନ୍ଦ୍ର ମହାକୁର
ଚନ୍ଦ୍ରଶେଖର ନଗର, ବଲାଙ୍ଗିର

## କଲେଜ ଛାତ୍ରଛାତ୍ରୀଙ୍କ ଫିଜ୍ ମାଫ ଦାବୀ କଲା ଜିଲ୍ଲା ଛାତ୍ର କଂଗ୍ରେସ



ବଲାଙ୍ଗିର, (ନିପ୍ର) : କରୋନା ସଂକ୍ରମଣ ଓ ଭୟାବହତା କଟକଣା ଯୋଗୁଁ ଦେଶ ଯାକ ପ୍ରତ୍ୟେକ ଶ୍ରେଣୀର ଲୋକ ଆର୍ଥିକ ସ୍ତରରେ ଘୋର କ୍ଷତି ସହିଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ ପଢାରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି । ଅବିଭାବକମାନେ ବର୍ତ୍ତମାନ ସ୍ଥିତିରେ ତାଙ୍କ ପୁଅଝିଅମାନଙ୍କର କଲେଜ ଦେୟ ଦେବା ପାଇଁ ପୂରାପୂରି ଅକ୍ଷମ ଓ ଅସମର୍ଥ । ତେଣୁ ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ବଲାଙ୍ଗିର ବିଧାନସଭା ମଣ୍ଡଳି ସ୍ତରରେ ଥିବା ସମସ୍ତ କଲେଜରେ ଛାତ୍ରଛାତ୍ରୀମାନଙ୍କର କଲେଜ ଫିଜ ମାଫ୍ ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦାବୀ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଛାତ୍ର କଂଗ୍ରେସ ବଲାଙ୍ଗିର ଠାରେ ଥିବା ବଲାଙ୍ଗିର ସରକାରୀ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଭେଟି ସମସ୍ତ ଛାତ୍ରଛାତ୍ରୀଙ୍କ କଲେଜ ଫିଜ୍ ମାଫ ପାଇଁ କଲେଜ ଅଧକ୍ଷଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ ଦାବୀ ଜଣାଇଛନ୍ତି ଏବଂ ତା ସହିତ ଏହା ମଧ ସୂଚାଇ ଦେଇଛନ୍ତି ଯେ କର୍ତ୍ତୃପକ୍ଷ ଯେତେ ଶୀଘ୍ର ହେବ କଲେଜ ଫିଜ୍ ମାଫ ନେଇ ପଦକ୍ଷେପ ନିଅନ୍ତୁ । ନଚେତ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ସାରା ଜିଲ୍ଲାରେ ଏହି ଦାବୀକୁ ନେଇ ଆନ୍ଦୋଳନମୁହାଁ ହେବେ ।

ଏହି ଦାବୀପତ୍ର ପ୍ରଦାନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ମିଶ୍ର, ଶମ୍ଭୁ ସାହୁ, ସଚିନ ସାହୁ ଓ ଶଙ୍କର ବିଶି ଉପସ୍ଥିତ ରହିଥିଲେ ।

## ଅଘରିଆ ସମାଜର ମୁଖପତ୍ର 'ଅଘରିଆ ଜ୍ୟୋତି' ଉନ୍ମୋଚିତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଅଘରିଆ ପଡା ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଅବସରରେ ୮୪ ଘର ଅଘରିଆ ସମାଜର ବାର୍ଷିକ ମୁଖପତ୍ର 'ଅଘରିଆ ଜ୍ୟୋତି' ଅଷ୍ଟାଦଶ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ଏହି ସମର୍ପଣ ଉତ୍ସବରେ ପତ୍ରିକାର ମୁଖ୍ୟ ସମ୍ପାଦକ ରାମଚନ୍ଦ୍ର ପଟେଲ ତଥା ସମ୍ପାଦନା ମଣ୍ଡଳୀର ଅନ୍ୟତମ ସଭ୍ୟ ଭବାନୀ ଶଙ୍କର ପଟେଲ, ଦିଗାମ୍ବର ନାଏକ, ଅଧାପକ ସନ୍ତୋଷ କୁମାର ରାଉତ, ହରେକୃଷ୍ଣ ପଟେଲଙ୍କ ସମେତ ସମାଜର ସଭାପତି ହରିଶଙ୍କର ସାଏ, ଉପ ସଭାପତି- ଷଡାନନ ରାଉତ, ମଣ୍ଡଳ ସଭାପତି ଦ୍ୱାରିକାନାଥ ପଟେଲ, ଜଗବନ୍ଧୁ ପଟେଲ, ଗୁଡି ସଭାପତି ମଧୁସୂଦନ ସାଏ, ଗୋବିନ୍ଦ ଚନ୍ଦ୍ର ପଟେଲ, ବୃନ୍ଦାବନ ନାଏକ, ପୂର୍ଣ୍ଣଚନ୍ଦ୍ର ପଟେଲ, ଦାମୋଦର ପଟେଲ, ସୁଧାର୍ଥୀ ପଟେଲ, ନୀଳମଣି ପଟେଲ, ଜୟକୃଷ୍ଣ ନାଏକ, ପ୍ରଭୁ ପ୍ରସାଦ ନାଏକ, ସଭ୍ୟା ଲିଲି ପଟେଲ, ବଂଶୀଧର ନାଏକ, କରୁଣାକର ସାଏ, ଉପଦେଷ୍ଟା କମିଟି ସଭ୍ୟ ଭକ୍ତ ନାଏକ, ହରେକୃଷ୍ଣ ପଟେଲ, ରାଜ୍ୟ ଉପସଭାପତି ଶଶୀ ଭୁଷଣ ସାଏ, ସୁରେନ୍ଦ୍ର ନାଏକ, ଯଶୋବନ୍ତ ନାଏକ, ଅରୁଣ ନାଏକ ପ୍ରମୁଖ ଜଗନ୍ନାଥଙ୍କୁ ପୁସ୍ତକ ସମର୍ପଣ ଉତ୍ସବରେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ।

## ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ପିତୃବିୟୋଗ

ବୀରମହାରାଜପୁର, (ସ୍ୱପ୍ର) : ବାଣିଜ୍ୟ, ପରିବହନ ଏବଂ ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ପିତା କାର୍ତ୍ତିକ ବେହେରାଙ୍କ ୯୨ ବର୍ଷରେ ଭୁବନେଶ୍ୱର ସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ପରଲୋକ ଘଟିଛି । ତାଙ୍କ ଶେଷ ସମୟରେ ତାଙ୍କ ପାଖରେ ତାଙ୍କ ପୁଅ ମନ୍ତ୍ରୀ ଶ୍ରୀ ବେହେରା, ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ । ତାଙ୍କ ପରଲୋକ ପରେ ତାଙ୍କ ପାର୍ଥିବ ଶରୀରର ଶେଷ ଦର୍ଶନ ପାଇଁ କିଛି ସମୟ ଭୁବନେଶ୍ୱରରେ ରଖିବା ପରେ ତାଙ୍କ ଜନ୍ମମାଟି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ନୂଆଦର ଗ୍ରାମକୁ ଅଣାଯାଇ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ କନିଷ୍ଠ ପୁତ୍ର ପ୍ରଦୀପ ବେହେରା ମୁଖାଗ୍ନି ଦେଇଥିବା ବେଳେ କନ୍ଧମାଳ ବିଧାୟକ ଅଙ୍ଗଦ କଅଁରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସଂସ୍କାରରେ ଯୋଗ ଦେଇଥିଲେ । ତାଙ୍କ ବିୟୋଗରେ ଗାଁରେ ଶୋକର ଛାୟା ଖେଳି ଯାଇଥିଲା ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ କାର୍ଯ୍ୟାଳୟରେ ରହି ଦୂରଦର୍ଶନରେ ଦର୍ଶନ କରୁଛନ୍ତି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ।

## ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ମକ୍ ଡ୍ରିଲ ଓ ସଚେତନତା ସଭା

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଗାନ୍ଧୀ ଭବନ ପରିସରରେ ଏକ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ଉପଲକ୍ଷେ ବିପର୍ଯ୍ୟୟ ପରିଚାଳନା ସଂପର୍କିତ ଏକ ସଚେତନତା ସଭା କରାଯାଇଥିଲା । ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳଙ୍କ ଉପ-ସଭାପତିତ୍ୱରେ ଜିଲ୍ଲାରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରାକ୍ ପ୍ରସ୍ତୁତି ଉପରେ ଆଲୋକପାତ କରାଯିବ ସହ ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠିର ସହଯୋଗିତା ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଜରିଆରେ ଜନସାଧାରଣଙ୍କୁ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ସଂପର୍କରେ ସଚେତନ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋରଂଜନ ପ୍ରଧାନ ଯୋଗଦାନ କରି ସଚେତନତା ହିଁ ସାବଧାନତା ର ମନ୍ତ୍ର ଦେବା ସହ ବିପର୍ଯ୍ୟୟ ସୂଚନା ପାଇବା ମାତ୍ରେ ନିଜକୁ ପ୍ରସ୍ତୁତ କରି ଏହାର ସଫଳ ମୁକାବିଲା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା ଜରୁରୀକାଳିନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ଏହି କାର୍ଯ୍ୟକ୍ରମର ଉପଯୋଗିତା ସମ୍ପର୍କରେ ଏକ ବିବରଣୀ ପାଠ କରିବା ସହ ବିପର୍ଯ୍ୟୟ ସମୟରେ କି କି ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ସେ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଅଗ୍ନିଶମ ଅଧିକାରୀ ଏସ୍.ଏସ୍.ସିଂହ ଅଗ୍ନିଶମ ସଂସ୍ଥାର ଭୂମିକା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ବିପର୍ଯ୍ୟ ସଂପର୍କିତ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତି ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଆୟୋଜିତ ହୋଇଥିବା ଏହି ମକଡ୍ରିଲର ଉଦେଶ୍ୟ ସଂପର୍କରେ କହିବା ସହ ସଭା କାର୍ଯ୍ୟ ସଂଯୋଜନା କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଗାନ୍ଧୀ ଭବନ ପରିସରରେ ଜିଲ୍ଲା ଅଗ୍ନିସମ ସେବା ସଂସ୍ଥା ତରଫରୁ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକର୍ତ୍ତା, ଅଙ୍ଗନୱାଡିଓ ଆଶା କର୍ମୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟ୍‌ରେ ହେଲା ଜୟଶ୍ରୀଙ୍କ ମାଗଣା ଅସ୍ତ୍ରୋପଚାର

### ବିଙ୍ଗ ହ୍ୟୁମାନର ପ୍ରୟାସ ସଫଳ



ବଲାଙ୍ଗିର, (ନିପ୍ର) : ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଝାଙ୍କରପାଲିର ଜଣେ ନାବାଳିକା ଚିକିତ୍ସା ସେବାରୁ ବଂଚିତ ହୋଇଥିଲେ । ତେବେ ସ୍ୱେଚ୍ଛାସେବୀ ସଙ୍ଗଠନ ବିଙ୍ଗ୍ ହ୍ୟୁମାନର ହସ୍ତକ୍ଷେପ ପରେ ସମ୍ପୃକ୍ତ ନାବାଳିକାଙ୍କ ଚିକିତ୍ସା ହୋଇପାରିଛି । ସବୁଠାରୁ ବଡକଥା ହେଲା ଯେ, ଘଟଣା ସମ୍ପର୍କରେ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣାଯାଇଥିବାରୁ ନାବାଳିକାଙ୍କ ଅସ୍ତ୍ରୋପଚାର ମାଗଣାରେ କଟକ ଏସସିବି ମେଡିକାଲରେ ହୋଇପାରିଛି । ସୂଚନା ଅନୁଯାୟୀ , ଝାଙ୍କରପାଲିର ସୁରେନ୍ଦ୍ର ବେହେରାଙ୍କ ଝିଅ ଜୟଶ୍ରୀଙ୍କ ମୂତ୍ରଦ୍ୱାର ଜନ୍ମରୁ ଅତି ଛୋଟଥିଲା । ଫଳରେ ସ୍ୱାଭାବିକ ଭାବେ ସେ ପରିସ୍ରା କରି ପାରୁନଥିଲେ । ତେଣୁ ତାଙ୍କର ପରିସ୍ରା ଜମାଟ ବାନ୍ଧିବାରୁ ସେ କିଡନୀ ରୋଗରେ ପୀଡିତ ହୋଇଥିଲେ । କିଡନୀ ରୋଗରେ ପୀଡିତ ହେବା ପରେ ତାଙ୍କର ଡାଏଲିସିସ୍ ଆରମ୍ଭ ହୋଇ ଯାଇଥିଲା ଓ ପରିସ୍ରା କରିବା ପାଇଁ ଏକ ପାଇପ ଲଗା ଯାଇଥିଲା । ଏ ସମ୍ପର୍କରେ ଖବର ପାଇବା ପରେ ବିଙ୍ଗ ହ୍ୟୁମାନର କର୍ମକର୍ତ୍ତା ଜୟଶ୍ରୀଙ୍କ ପରିବାର ନିକଟକୁ ଯାଇ ତାଙ୍କୁ ସାକ୍ଷାତ କରିଥିଲେ ଓ ପୁଣିଥରେ ଜୟଶ୍ରୀଙ୍କୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମତେ ଭଲ କରିଦିଅ ମୁଁ ଦଶମ ଶ୍ରେଣୀ ପରୀକ୍ଷା ଦେବି ବୋଲି ଜୟଶ୍ରୀ ଆକୁଳ ହୋଇ କର୍ମକର୍ତ୍ତାଙ୍କୁ କହିଥିଲେ । ତେବେ ଜୟଶ୍ରୀଙ୍କୁ ଚିକିତ୍ସା କରିବା ପାଇଁ ବାହାରକୁ ନେବାକୁ ପଡିବ ବୋଲି ଡାକ୍ତର କହିଥିଲେ । ହେଲେ ପରିବାର ପାଖରେ ବାହାରକୁ ନେବା ପାଇଁ ସାଧନ ନଥିଲା । ତେଣୁ ଚିକିତ୍ସା ପାଇଁ ବିଙ୍ଗ ହ୍ୟୁମାନ ଅଣ୍ଟା ଭିଡିଥିଲା । ଏକ ଆମ୍ବୁଲାନ୍ସରେ ଜୟଶ୍ରୀଙ୍କୁ କଟକ ନିଆଯାଇଥିଲା । ହେଲେ କରୋନା ସଂକ୍ରମଣ ଭୟରେ ଜୟଶ୍ରୀଙ୍କ ପରିବାର କଟକ ଯିବାକୁ ଅମଙ୍ଗ ହୋଇଥିଲେ । ଫଳରେ ବିଙ୍ଗ ହ୍ୟୁମାନର କର୍ମକର୍ତ୍ତମାନେ ହିଁ ତାଙ୍କୁ କଟକ ନେଇଥିଲେ । ଅପର ପକ୍ଷରେ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ କରାଯାଇଥିବାରୁ କଟକରେ ଜୟଶ୍ରୀଙ୍କ ଚିକିତ୍ସା ତଥା ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା । ଜୟଶ୍ରୀ ଖୁବ ଶୀଘ୍ର ସୁସ୍ଥ ହେବେ । ତାଙ୍କର ସୁସ୍ଥ ହେଲା ପର୍ଯ୍ୟନ୍ତ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଦେଖାରେଖା କରିବେ ବୋଲି ଅନୁଷ୍ଠାନର ସଭାପତି ସୋମନାଥ ମିଶ୍ର ଓ ସମ୍ପାଦକ ବିବେକା ପଟେଲ କହିଛନ୍ତି । ବିଙ୍ଗ୍ ହ୍ୟୁମାନ୍‌ର ଏତାଦୃଶ ସେବା କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି । ସୂଚନାଯୋଗ୍ୟ ଯେ, ଏଭଳି ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ବିଙ୍ଗ ହ୍ୟୁମାନ୍ ବର୍ତ୍ତମାନ ଚର୍ଚ୍ଚାରେ ।




ଜଗତ ସ୍ରଷ୍ଟା ଜଗନ୍ନାଥ ଜଗତର କଲ୍ୟାଣ କରନ୍ତୁ । ପବିତ୍ର ଘୋଷଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ଶଙ୍କର ସାହୁ
ପେଲେସ୍ ଲାଇନ୍, ବଲାଙ୍ଗିର


ଘରେ ରହନ୍ତୁ, ମୁହେଁ ମାସ୍କ ପିନ୍ଧନ୍ତୁ, ସାବୁନ୍ ଧୁ ହାତ୍‌କେ ଥରକେ ଥର୍ ସଫା କରନ୍ତୁ । ନିଜେ ମାନିଗୁନି କରି ରହେଲେ, କରୋନା ପାଖ୍ ନେଇଁ ମାଡ଼ିପାରେ । ସୁରକ୍ଷିତ୍ ରହନ୍ତୁ ।।

# ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ ପ୍ରବାସୀଙ୍କୁ ଅର୍ଥ ସହାୟତା ଦିଆଯାଉ : ନରସିଂହ



**ପ୍ରବାସୀଙ୍କୁ କର୍ମନିଯୁକ୍ତି ପାଇଁ ବୈଠକ**

**ପ୍ରତ୍ୟେକ ପ୍ରବାସୀଙ୍କୁ ତତ୍କ୍ଷଣାତ ୧୦ ହଜାର ଟଙ୍କା ସହ ପରବର୍ତ୍ତି ୬ ମାସ ପର୍ଯ୍ୟନ୍ତ ସାଢେ ୭ହଜାର ଟଙ୍କା ଲେଖାଏଁ ସହାୟତା ଦାବୀ**

ବଲାଙ୍ଗିର, (ନିପ୍ର) : କରୋନା ସଂକ୍ରମଣ ଯୋଗୁଁ ସମସ୍ତଙ୍କର ଜୀବନ ଜୀବିକା ପ୍ରଭାବିତ ହୋଇଛି । ଅନେକେ ନିଜର ଜୀବିକା ଛାଡି ଘରକୁ ଫେରିବାକୁ ବାଧ ହୋଇଛନ୍ତି । ଡେରିରେ ହେଉ ପଛେ ସରକାର ସେମାନଙ୍କୁ ଫେରାଇ ଆଣିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । କିନ୍ତୁ ତାଙ୍କୁ ନିଜ ଭିଟାମାଟିରେ ପୁଣି ଥରେ କର୍ମନିଯୁକ୍ତି ଦେଇ ଉପାର୍ଜନକ୍ଷମ କରିବା ସରକାରଙ୍କ ପାଇଁ ମଧ୍ୟ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ସେହି କ୍ରମରେ ରାଜ୍ୟ ସରକାର ପ୍ରବାସୀ ଫେରିଥିବା ଜିଲ୍ଲାମାନଙ୍କରେ ସରକାରଙ୍କ କେଉଁ କେଉଁ ଯୋଜନା ମାଧ୍ୟମରେ କରୋନା କ୍ଷତିଗ୍ରସ୍ତ ପ୍ରବାସୀ ଶ୍ରମିକ, ଚାଷୀ ତଥା ସାଧାରଣ ଲୋକ ଉପକୃତ ହୋଇପାରିବେ ସେ ଦିଗରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସେ ଅଂଚଳର ବିଧାୟକମାନଙ୍କ ସହ ସରକାରଙ୍କ ବିଭିନ୍ନ ଯୋଜନା ନେଇ ଆଲୋଚନା ହୋଇଯାଇଛି । ବଲାଙ୍ଗିର ଜିଲ୍ଲାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ସ୍ଥାନୀୟ ସାର୍କିଟ ହାଉସ ଠାରେ ଜିଲ୍ଲାର ସମସ୍ତ ବିଧାୟକ, ମନ୍ତ୍ରୀ, ଜିଲ୍ଲାପାଳ, ଗ୍ରାମ ଉନ୍ନୟନ ବିଭାଗର ପ୍ରକଳ୍ପ ଅଧିକାରୀ ଏବଂ କୃଷି କୃଷକ ସମ୍ବନ୍ଧୀୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ସମବାୟ ତଥା ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଏବଂ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ସରକାରଙ୍କ ବିଭିନ୍ନ ଯୋଜନା ଯଦ୍ୱାରା ପ୍ରବାସୀମାନେ କରୋନା ପରିସ୍ଥିତିର ମୁକାବିଲା କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ତା' ଉପରେ ସୂଚନା ଦେଇଥିଲେ । ଆଲୋଚନାରେ ମୁଖ୍ୟତଃ କୃଷି, ଉଦ୍ୟାନ, ମତ୍ସ୍ୟ ଚାଷ, ଉଠାଜଳସେଚନ, ବ୍ୟାଙ୍କ ସମବାୟ ଅଧିକାରୀମାନେ ନିଜ ନିଜ ଯୋଜନା ବାବଦରେ ଜନ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ ।

ସୂଚନା ଯୋଗ୍ୟ ଯେ କୋଣସି ଯୋଜନାରେ ପ୍ରବାସୀମାନେ ଉପାର୍ଜନକ୍ଷମ ହେବା ପାଇଁ ଅତି କମରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବା ସହ ଏହି ସବୁ ଯୋଜନାରୁ କରୋନା କ୍ଷତିଗ୍ରସ୍ତ ପ୍ରବାସୀ ଏବେ ବି ତତ୍କ୍ଷଣାତ ଉପାର୍ଜନକ୍ଷମ ହୋଇପାରିବ ନାହିଁ । ଆହୁରି ମଧ୍ୟ ଏସବୁ ଯୋଜନା ଫାଇଦା ପାଇବା ପାଇଁ ଅନେକ ପ୍ରବାସୀଙ୍କ ଠାରେ ଯୋଜନା ମୁତାବକ ଭିତ୍ତିଭୂମି ଅଛି କି ନାହିଁ ତାହା ମଧ୍ୟ ସନ୍ଦେହ । ଏହି ସମସ୍ୟା ନେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ସରକାରଙ୍କୁ ପ୍ରଶ୍ନ କରିବା ସହ ପ୍ରବାସୀମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ନିଜକୁ ସାମିଲ କରିବା ପାଇଁ ଦରକାର ହେଉଥିବା ସର୍ବ ନିମ୍ନ ଭିତ୍ତିଭୂମି ଓ ଅର୍ଥ ମଧ୍ୟ ସେମାନଙ୍କ ପାଇଁ ସ୍ୱପ୍ନ ହୋଇପାରେ ବୋଲି କହିଥିଲେ । ତାଛଡା ସେ ଦାବୀ କରିଥିଲେ ଯେ ସରକାର ପ୍ରବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଣିଥିବା ବିଭିନ୍ନ ଯୋଜନାରୁ ଫାଇଦା ପାଇବା ପାଇଁ ଯେହେତୁ ୬ମାସ ଲାଗିଯାଇପାରେ ତେଣୁ ପ୍ରତ୍ୟେକ ପ୍ରବାସୀଙ୍କୁ ତତ୍କ୍ଷଣାତ ସରକାର ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ସହ ପରବର୍ତ୍ତି ୬ମାସ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୭ ହଜାର ୫ଶହ ଟଙ୍କା ଲେଖାଏଁ ଅର୍ଥ ରାଶି ସାହାଯ୍ୟ ଯୋଗାଇ ଦିଅନ୍ତୁ । ଯାହାଦ୍ୱାରା କି ଯୋଜନା ଗୁଡିକ ଫଳପ୍ରଦ ହେବା ପର୍ଯ୍ୟନ୍ତ ପ୍ରବାସୀ ଶ୍ରମିକମାନେ ତାଙ୍କର ଦୈନନ୍ଦିନ ଗୁଜୁରାଣ ସେହି ଆର୍ଥିକ ସହାୟତାରୁ ପୂରଣ କରିପାରିବେ । ତାହା ହେଲେ ହିଁ ପ୍ରବାସୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଣିଥିବା ବିଭିନ୍ନ ଯୋଜନାର ସୁଫଳ ସେମାନେ ପାଇ ପାରିବେ ବୋଲି ଶ୍ରୀ ମିଶ୍ର କହିଥିଲେ । ଜନ ପ୍ରତିନିଧିମାନେ ନିଜ ନିଜ ମତ ଉପସ୍ଥାପନ କରି ପ୍ରବାସୀ ଶ୍ରମିକମାନେ କିଭଳି ସ୍ୱାବଲମ୍ବୀ ହେବେ, ସେ ସଂପର୍କରେ ମତ ଦେଇଥିଲେ ।

## ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ନୂଆଦିଲ୍ଲୀ, (ପିଆଇବି) : ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଷଷ୍ଠ ଆନ୍ତର୍ଜାତିକ ଯୋଗ ଦିବସରେ ସମସ୍ତ ଦେଶବାସୀଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ, ଆନ୍ତର୍ଜାତିକ ଯୋଗ ଦିବସ ହେଉଛି ଏକଜୁଟ୍ ହେବାର ଦିନ । ଏହା ବିଶ୍ୱ ବନ୍ଧୁତ୍ୱର ସଂଦେଶ ବହନ କରିବାର ଦିନ । ଏହା ମାନବିକତାର ଏକତ୍ୱବୋଧକୁ ହୃଦୟଙ୍ଗମ କରିବାର ଅବସର । ଯାହା ଆମମାନଙ୍କୁ ସମସ୍ତଙ୍କୁ ଏକତ୍ର ଯୋଡ଼େ, ପରସ୍ପରର ନିକଟତର କରାଏ, ତାହାକୁ ହିଁ ତ ଯୋଗ କହନ୍ତି । ଯାହା ଦୂରତ୍ୱକୁ ନିଃଶେଷ କରେ, ତାହା ହିଁ ତ ଯୋଗ । ସେ ଆହୁରି କହିଛନ୍ତି ଯେ, କରୋନା ବୈଶ୍ୱିକ ମହାମାରୀ କାରଣ ଯୋଗୁଁ ଆଜି ସମଗ୍ର ବିଶ୍ୱ ଯୋଗର ଆବଶ୍ୟକତାକୁ ପୂର୍ବାପେକ୍ଷା ଅଧିକ ଗମ୍ଭୀରତାର ସହ ଅନୁଭବ କରିବା ଆରମ୍ଭ କରିଛି । ଯଦି ଆମ ଶରୀରରେ ରୋଗ ପ୍ରତିରୋଧୀ ଶକ୍ତି ସୁଦୃଢ଼ ରହିବ ତେବେ ଆମେମାନେ ଏହି ମହାମାରୀକୁ ହରାଇବାରେ ଅଧିକ ସହଯୋଗ ପାଇପାରିବା । ରୋଗ ପ୍ରତିରୋଧୀ ଶକ୍ତିକୁ ବୃଦ୍ଧି କରିବା ନିମନ୍ତେ ଯୋଗର ଅନେକ ବିଧି ରହିଛି, ଅନେକ ପ୍ରକାର ଆସନ ରହିଛି । ସେହିସବୁ ଆସନ ଏଭଳି ଯାହା ଆମର ଶରୀରର ଶକ୍ତି ବଢ଼ାଇବା ସହିତ ଆମର ମେଟାବୋଲିଜମ୍‌କୁ ମଧ୍ୟ ଶକ୍ତିଶାଳୀ କରିଥାଏ । କିନ୍ତୁ କୋଭିଡ-୧୯ ଭୂତାଣୁ ବିଶେଷ କରି ଆମର ଶ୍ୱସନ ତନ୍ତ୍ର ଅର୍ଥାତ୍ ଆମ ଶରୀରରେ ଶ୍ୱାସକ୍ରିୟାର ଯେଉଁ ବ୍ୟବସ୍ଥା ରହିଛି ତାହା ଉପରେ ପ୍ରଥମେ ଆକ୍ରମଣ କରିଥାଏ । ଆମର ଶ୍ୱାସକ୍ରିୟାକୁ ସୁଦୃଢ଼ କରିବା ନିମନ୍ତେ ଯାହାଠାରୁ ସର୍ବାଧିକ ସହାୟତା ମିଳିଥାଏ ତାହା ହେଉଛି ପ୍ରାଣାୟାମ । ଅର୍ଥାତ୍ ନିଶ୍ୱାସ ପ୍ରଶ୍ୱାସ ନେବାର ଅଭ୍ୟା । ସାଧାରଣ ଭାବେ ଅନୁଲୋମ ବିଲୋମ ପ୍ରାଣାୟାମ ହିଁ ଅଧିକ ଲୋକପ୍ରିୟ ଅଟେ । ଏହା ବେଶ୍ ପ୍ରଭାବୀ ମଧ୍ୟ ତେବେ ପ୍ରାଣାୟାମ ଅନେକ ପ୍ରକାରର । ସେଥିରେ ଶୀତଳୀ, କପାଳଭାରତୀ, ଭ୍ରାମରୀ, ଭସ୍ତ୍ରିକା ଏହିସବୁ ମଧ୍ୟ ଥାଏ । ଏମିତି ଏମିତି ଆହୁରି ଅନେକ ପ୍ରାଣାୟାମ ରହିଛି ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରଫେସର ଦୀପକ ବେହେରା



ବଲାଙ୍ଗିର, (ନିପ୍ର) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ଦୀପକ ବେହେରା । ପୁରୁଣା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଶତ ପ୍ରତିଶତ ଉଦ୍ୟମ କରିବା ନିମନ୍ତେ ମଧ୍ୟ ବାର୍ତ୍ତା ରଖିଛନ୍ତି ।

ସୂଚନାଯୋଗ୍ୟ ଯେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ହେବା ନେଇ ନାନା କଳ୍ପନା ଜଳ୍ପନାର ଅନ୍ତ ଘଟିଲା । ଏବେ ରାଜେନ୍ଦ୍ର ମହାବିଦ୍ୟାଳୟ ନୁହେଁ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭାବେ ପରିଚିତି ପାଇଲା ବଲାଙ୍ଗିର ମାଟିର ଗର୍ବ ଓ ଗୌରବ ତଥା ପଶ୍ଚିମ ଓଡ଼ିଶାର ସର୍ବ ପୁରାତନ ମହାବିଦ୍ୟାଳୟ । ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ତଥା ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମହଲରେ ଏକ ପ୍ରକାର ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି ।

କୁଳପତି ପ୍ରଫେସର ବେହେରା ରାଜେନ୍ଦ୍ର ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା ଜାରି ରଖିବାକୁ କହିଛନ୍ତି ।

ବିଶ୍ୱବିଦ୍ୟାଳୟର ସାମୁହିକ ସମୃଦ୍ଧି ନିମନ୍ତେ ଅଧ୍ୟାପକ, କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କ ବିଶେଷ ସହଯୋଗର ଆବଶ୍ୟକତା ରହିଛି । ଏହିପାଇଁ ସମସ୍ତେ ସଚେତନ ହେବା ଜରୁରୀ । ନୂତନ ଶିକ୍ଷାର ପାହାଚ ଚଢ଼ି ଏବେ ଆଗେଇ ଚାଲିବ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ । ବଲାଙ୍ଗିରବାସୀଙ୍କ ବହୁ ଦିନର ଆଶା ପୂରଣ ହୋଇପାରିଛି ।

# ଜିଲ୍ଲା ସାରା ବନ୍ଦ ହେଲା ପ୍ରସିଦ୍ଧ ରଥଯାତ୍ରା

ବଲାଙ୍ଗିର, (ନିପ୍ର) : ଜିଲ୍ଲା ସାରା ବନ୍ଦ ହେଲା ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା । କରୋନା ସଂକ୍ରମଣର କଟକଣା ଯୋଗୁଁ ପୁରୀ ରଥଯାତ୍ରାକୁ ଛାଡ଼ିଦେଲେ ଆଉ ରାଜ୍ୟର କେଉଁଠି ବି ଗଡ଼ିଲାନି ରଥ । ଭକ୍ତ ହେଲେ ନିରାଶ । ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲାର କୌଣସି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇନାହିଁ । କେବଳ ନୀତିକାନ୍ତିରେ ରଥଯାତ୍ରା ସୀମିତ ରହିଲା । ବଲାଙ୍ଗିର ଜିଲ୍ଲାପାଳଙ୍କ ବିଜ୍ଞପ୍ତି ପ୍ରକାଶ ପରେ ରଥଖଳା ତଥା ରଥଯାତ୍ରା ସଂବନ୍ଧିତ ଅଂଚଳରେ ଲାଗିଲା ୧୪୪ ଧାରା । ରଥ ଟଣା ହୋଇ ନଥିଲେ ବି ଜଗନ୍ନାଥଙ୍କ ନୀତିକାନ୍ତି ପାଳନ ହୋଇଛି । ବଲାଙ୍ଗିର ସହରର ଦେବୋତ୍ତର ବିଭାଗ ଅଧୀନରେ ରହିଥିବା ଗୋପାଳଜୀ ମନ୍ଦିରରେ ମଧ୍ୟ କେବଳ ପୂଜାବିଧି କରାଯାଇଛି ଏବଂ ମନ୍ଦିରରେ ହିଁ ରଖାଯାଇଛି ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ । ଯଦିବି ରଥଯାତ୍ରା ଅନୁଷ୍ଠିତ ହୋଇନାହିଁ, ତଥାପି ତିନି ଠାକୁରଙ୍କୁ ସୁସଜ୍ଜିତ କରାଯାଇଥିଲା । ଉପ ଜିଲ୍ଲାପାଳ ସଂଜୟ ମିଶ୍ର ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ପ୍ରତ୍ୟକ୍ଷ ଭାବେ ତଦାରଖ କରିଥିଲେ । ସହର ମଧ୍ୟରେ ଚାନ୍ଦ ମନ୍ଦିର, ସାହାଣୀ ମନ୍ଦିର, ରାଧାରାଣୀପଡ଼ା ମନ୍ଦିର, ଜଗନ୍ନାଥପଡ଼ା ମନ୍ଦିର, ହାଟପଦା ପଡ଼ା ମନ୍ଦିରରେ କେବଳ ନୀତିକାନ୍ତି କରାଯାଇଥିଲା ।

ତେବେ ସ୍ଥାନୀୟ ପେଲେସ୍‌ରେ ରାଜ ପୁରୋହିତ ସନ୍ତୋଷ ମିଶ୍ରଙ୍କ ଦ୍ୱାରା ତିନି ଠାକୁରଙ୍କ ନୀତିକାନ୍ତି ସମାପନ ହୋଇଥିବା ବେଳେ ତିନି ଠାକୁରଙ୍କୁ ରଢ଼ାରୁଢ଼ କରାଯାଇଥିଲା । ପ୍ୟାଲେସ ଭିତରେ ହିଁ ୨୦ ମିଟର ଯାଏଁ ରଥ ଟଣା ଯାଇଥିବା ବେଳେ ସୀମିତି ଭକ୍ତଙ୍କୁ ନେଇ ଏଠାରେ ନୀତି ପାଳନ କରାଯାଇଥିବା ଜଣାପଡ଼ିଛି ।


ଭକ୍ତଙ୍କ ଭିତରେ ଚଳିତ ବର୍ଷ ରଥଯାତ୍ରାକୁ ନେଇ ଅନେକ ନିରାଶ ବାତାବରଣ ଦେଖିବାକୁ ମିଳିଛି । ମହାମାରୀ କରୋନା ଯୋଗୁଁ ଜଗତର ନାଥ ଜଗନ୍ନାଥ ରଥଯାତ୍ରା ମଧ୍ୟ ଫିକା ପଡ଼ିଛି ।





ଜଗତର କଲ୍ୟାଣ କରନ୍ତୁ ଜଗନ୍ନାଥ ।
ଅଶୋକ କୁମାର ମିଶ୍ର
ଚଳଚ୍ଚିତ୍ର ନିର୍ଦ୍ଦେଶକ
(ଏଫ୍‌ଟିଆଇଆଇ), ବଲାଙ୍ଗିର




ପାଟଣା ମହାରାଜା
ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ
ରାଜେନ୍ଦ୍ର ଯୁବକ ସଂଘ
ବଲାଙ୍ଗିର

ସବୁବେଳେ ମାସ୍କ ପିନ୍ଧନ୍ତୁ, ସାବୁନରେ ହାତ ଧୁଅନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ... କରୋନା ସଂକ୍ରମଣରୁ ରକ୍ଷା ପାଆନ୍ତୁ ।






















Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Editor : Ananda Chandra Sahu

ସଂପାଦକ : ଆନନ୍ଦ ଚନ୍ଦ୍ର ସାହୁ